ନିର୍ଭୀକ ଆମ

R.N.I. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

● Vol -1 ● Issue - 5 ● February 16 - 28, 2026 ● Bhubaneswar ● Rs. 5 ● Pages - 08 ● Fortnightly

● ଭାଗ-୧ ● ସଂଖ୍ୟା-୫ ● ଫେବୃଆରୀ ୧୬ - ୨୮, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ

## ହଳଦୀ ଚାଷୀଙ୍କୁ ମିଳୁନି ସବସିଡି ଅର୍ଥ ରାଶି, ଚାଷୀ ଅସନ୍ତୋଷ

### ସରକାରୀ ଯୋଜନା ହଳଦୀ ଚାଷୀଙ୍କ ପାଇଁ ଧୂଆଁ ବାଣ ସଦୃଶ



ହିନ୍ଦୋଳ : ହଳଦୀ ଚାଷର ବିକାଶ ସହିତ ଚାଷୀ ମାନଙ୍କୁ ଏଦିଗରେ ମନ ନିବେଶ କରିବାକୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରି ଗତ ବର୍ଷ ମଧ୍ୟ ଭାଗରେ ଉନ୍ନତ ମାନର ହଳଦୀ ବିହନ ପ୍ରଦାନ କରିଥିଲେ। ଏଠାରେ ସରକାରଙ୍କ ଉଦ୍ୟାନ କୃଷି ବିଭାଗ ଜରିଆରେ ବ୍ଲକର ସମସ୍ତ ପଞ୍ଚାୟତର ୧୨୦ ଜଣ ଚାଷୀ ପ୍ୟାକେଟ ପିଛା ୩ ହଜାର ଟଙ୍କା ଲେଖାଏଁ ଜମା କରି ହଳଦୀ ବିହନ ନେଇ ନିଜ ଜମିରେ ଲଗେଇ ଥିଲେ। ସେ ବାବଦରେ ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ସରକାରୀ ଘୋଷଣା ନାମା ଅନୁସାରେ ସବସିଡି ଆକାରରେ ୫ ହଜାର ୯ ଶହ ୫୦ ଟଙ୍କା ଲେଖାଏଁ ମିଳିବାକୁ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳି ଥିଲା। ଗତ ବର୍ଷ ଜ୍ୟେଷ୍ଠ, ଆଷାଢ଼ ମାସରେ ଧାନ ରୁଆ ସାଙ୍ଗକୁ ଆଗ୍ରହ ପ୍ରକାଶ କରି ନିଜ ନିଜ କ୍ଷେତରେ ହଳଦୀ ବିହନ ଲଗାଇ ଆର୍ଥିକ କ୍ଷେତ୍ରରେ ଅଧିକ ରୋଜଗାର କ୍ଷମ ହୋଇ ପାରିବେ ବୋଲି ଆଶା ବାନ୍ଧି ବସି ଥିଲେ। ତେବେ ଆଜି ଯାଏଁ ୫ ହଜାର ୯ ଶହ ୫୦ ଟଙ୍କାର ସବ ସିଡି ଅର୍ଥ ରାଶି ମିଳିବାତ ଦୂରର କଥା ଏ ବାବଦରେ ଚାଷୀଙ୍କୁ ଟଙ୍କା ଟିଏ ବି ମିଳି ପାରିନି। ଏଥି ନେଇ ଚାଷୀ କୂଳ ନିରୁତ୍ସାହିତ ହୋଇ ପଡ଼ି ଛନ୍ତି। ହଳଦୀ ଚାଷର ଲଗାଇବା ପ୍ରଣାଳୀ, ଏହାର ଯତ୍ନ କିଭଳି କରା ଯାଇ ପାରିବ ସେଥି ନେଇ ଆଜି ଯାଏଁ ବିଭାଗ ପକ୍ଷରୁ ଜଣେ ହେଲେ ବି କ୍ଷେତ୍ର କର୍ମଚାରୀ କୌଣସି ଅଞ୍ଚଳ ବୁଲି ତଦାରଖ କରି ନଥିବା ଅଭିଯୋଗ ହେଉଛି। ଏଭଳି ବ୍ୟବସ୍ଥା ଜାରି ରହିଲେ ଭବିଷ୍ୟତରେ ହଳଦୀ ଚାଷ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯିବା ସମ୍ଭାବନାକୁ ଏଡାଇ ଦିଆ ଯାଇ ନପାରେ। ରାଜ୍ୟ ସରକାରଙ୍କ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥି ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଚାଷୀ କୂଳ ଦୃଢ଼ ଦାବି କରିଛନ୍ତି ।

## ମାର୍ଥାପୁର ମଣ୍ଡିରେ ଚାଲିଛି କଟ୍‌ନି ଛଟ୍‌ନି



### ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ଖୋଲାଖୋଲି ଚାଷୀଙ୍କୁ ଶୋଷଣ କଟାଯାଉଛି ୯କେଜି ଧାନ, ଆସୁନାହାନ୍ତି ବିଭାଗୀୟ ଅଧିକାରୀ

ଭୁବନ : ଭୁବନ ବ୍ଲକ୍‌ର ୧୨ଟି ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି। କୁଣ୍ଟାଲ ପିଛା ୮କେଜି ପର୍ଯ୍ୟନ୍ତ ଧାନ କାଟି ଦିଆଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି । ମଣ୍ଡିକୁ ଅଧିକାରୀ ଆସୁ ନଥିବାବେଳେ ନୋଡାଲ ଅଫିସରଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଯାଉ ନାହିଁ। ମିଲର୍ସ ଅବାଧରେ କଟ୍‌ନିଛଟ୍‌ନି କରୁଥିବା ଜଣାପଡ଼ିଛି। ଚାଷୀଙ୍କ ପାଖରେ ଅନ୍ୟ ଉପାୟ ନଥିବାରୁ ବାଧହୋଇ ଧାନ ବିକ୍ରି କରୁଛନ୍ତି। ଉପଖଣ୍ଡର ମାର୍ଥାପୁର ସମବାୟ ସମିତିରେ ଧାନମଣ୍ଡିରେ ମିଲର୍ସ ଦ୍ୱାରା ୮କେଜିରୁ ୧୦ କେଜି ଧାନ କଟାଯାଉଛି ବୋଲି ସମବାୟ ସମିତିର ସଦସ୍ୟ ଅଭିଯୋଗ କରିଛନ୍ତି। ଏ ନେଇ ଭୁବନ ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କିଛି ଜାଣି ନଥିବା କହିଥିଲେ। କାମାକ୍ଷାନଗର ଉପନିବନ୍ଧକଙ୍କୁ ପଚାରିବାରୁ ମଣ୍ଡିରେ ନିଯୁକ୍ତି ପାଇଥିବା ନୋଡାଲ ଅଫିସରଙ୍କୁ ପଚାରିବାକୁ ସେ କହିଥିଲେ । ମାର୍ଥାପୁର ସମବାୟ ସମିତିରେ ନୋଡାଲ ଅଫିସରଙ୍କୁ ଯୋଗାଯୋଗ କରିବାରୁ ଧାନ ମଣ୍ଡିରେ ହେଉଥିବା କଟ୍‌ନିଛଟ୍‌ନି ନେଇ କୌଣସି ସୂଚନା ନଥିବା କହିଥିଲେ। ଯୋଗାଣ ମନ୍ତ୍ରୀଙ୍କ ଜିଲ୍ଲାରେ ଖୋଲାଖୋଲି ଚାଷୀଙ୍କୁ ଶୋଷଣ କରାଯାଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ତେବେ ଭୁବନ ବ୍ଲକ୍‌ରେ ୧୦ଟି ସମବାୟ ସମିତିରୁ ବୃଦ୍ଧି ପାଇ ୧୨ରେ ପହଞ୍ଚିଛି ନୂଆଭାବେ ଖୋଲା ଯାଇଥିବା ଅନଳ ସମବାୟ ସମିତିର ମଣ୍ଡି ଧଳପଡ଼ାଠାରେ ଖୋଲାଯାଇଛି। ବହୁ ସମିତିରେ ଧାନ ଦେଇଥିବା ଚାଷୀ ଧାନ ଟଙ୍କା ପାଇବାରେ ହଇରାଣ ହେଉଛନ୍ତି । ଆଧାର ସଂଯୋଗ ଅନୁଯାୟୀ ଟଙ୍କା ଯାଉଥିବାରୁ ଚାଷୀ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି ।

## ବେଆଇନ ଭାବେ ଚାଲିଛି ଶୁଶୁବା ବାଲି ଘାଟ, କଣିହାଁ ପ୍ରଶାସନ ଜାଣି ଅଜଣା, ମାଫିଆ ମାଲେମାଲ



କଣିହାଁ : ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗରେ ଥିବା ବାଲି ଘାଟ ଏବେ ରାଜ୍ୟ ସରକାରଙ୍କ ହାତରୁ ଖସିଯିବାରେ ଲାଗିଛି । ଅନ୍ୟ ପକ୍ଷରେ ରାଜ୍ୟ ସରକାର ତତ୍ପରତା ହୋଇ ଚୋରୀକୁ କଟକଣା ଏବଂ ରାଜସ୍ୱ ଅଧିକ ମଜବୁତ କରିବାକୁ ଦିଗରେ ଏବେ ସ୍ଥାନୀୟ ମାଇନିଂଗ ହସ୍ତାନ୍ତର କରିଛି ତହସିଲ ବିଭାଗ । ରାଜ୍ୟ ସରକାର ଯେତିକି କଡା ଅଭିମୁଖ୍ୟ ଆପଣଉଛନ୍ତି ସେତିକି ଏହି ବେତନ ଭୋଗୀ ଚାକିରିଆ ମାନେ ବାଲି ମାଫିଆଙ୍କ ସହ ମିଶିକି ରାଜସ୍ୱ ଅର୍ଥକୁ ଲୋଟିବାରେ ଲାଗିଛନ୍ତି । ଏଭଳି ମନମାନି କାର୍ଯ୍ୟ ଦେଖିବାକୁ ବାରମ୍ବାର ମିଳୁଛି କଣିହାଁ ବ୍ଲକ ତଥା କଣିହାଁ ତହସିଲ ଅଧୀନରେ ଥିବା ସିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ । ରାଜସ୍ୱକୁ ଲୋଟିବାରେ ଲାଗିଛନ୍ତି ବାଲି ମାଫିଆ, ମାଫିଆଙ୍କୁ ରାଜସ୍ୱ ଲୋଟିବାରେ ସହଯୋଗ କରୁନାହାନ୍ତି ତ କଣିହାଁ ରାଜସ୍ୱ ବିଭାଗୀୟ ଅଧିକାରୀ । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଂଚଳରେ ମାତିଛନ୍ତି ବାଲି ମାଫିଆ ଏବଂ ସେମାନଙ୍କର ମନମାନି ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାର ଲାଗିଛି ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଣିହାଁ ବ୍ଲକ ଶୁଶୁବା ପଞ୍ଚାୟତ ଶୁଶୁବା ଗ୍ରାମରେ କ୍ଷ ଦିନ ରାତି ଏକ କରି ଘାଟରୁ ବାଲି ଉଠାଣ ହେଉଛି ସ୍ଥାନୀୟ ଗ୍ରାମବାସୀ ଏହି ଚୋରା ଚାଲାଣ ବାଲିକୁ ରୋକିବା ପାଇଁ ପ୍ରଶାସନକୁ ଜଣାଇଲେ ସୁଦ୍ଧା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ବୋଲି ଶୁଶୁବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଏହା ଏବେ ଏହି ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।









**୧୭ରୁ ଆରମ୍ଭ ବିଧାନସଭାର ବଜେଟ୍**

# ରାଜ୍ୟର ବିଭିନ୍ନ ସ୍ଥାନରୁ ମାଳମାଳ ଅଭିଯୋଗ



- ଧାନ, ମହାନଦୀ, ସ୍ମାର୍ଟ ମିଟର, ଏସ୍ଆଇଆର୍ ବଡ଼ ପ୍ରସଙ୍ଗ
- ସଫଳତାର ତାଲିକା ଧରି ମୁକାବିଲା କରିବେ ଶାସକ
- ଅରବିନ୍ଦ, ସନାତନଙ୍କ ଉପରେ ନଜର

ଭୁବନେଶ୍ୱର: ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏ ନେଇ ମାଳମାଳ ଅଭିଯୋଗ ଆସୁଛି। ଅନେକ ସ୍ଥାନରେ ଚାଷୀ ଆନ୍ଦୋଳନ ଚାଲିଛି। ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ରାଜରାସ୍ତାରେ ଗର୍ଜନ କରୁଛନ୍ତି। ସରକାର ବି ଜଣେ ଚାଷୀଙ୍କଠାରୁ ୧୫୦ କ୍ୱିଣ୍ଟାଲ୍‌ରୁ ଅଧିକ ଧାନ ନ କିଣିବାକୁ ନିୟମ କରିଥିବାରୁ ପଶ୍ଚିମ ଓଡ଼ିଶାର ବିଧାୟକମାନେ ଖପ୍ପା ଅଛନ୍ତି। ଏହି ପ୍ରସଙ୍ଗରେ ବିଧାନସଭା ହୁଲସ୍ଥୁଲ ହୋଇପାରେ। ମହାନଦୀ ଜଳବିବାଦ ପ୍ରସଙ୍ଗରେ ଓଡ଼ିଶା ଲଗାତାର କ୍ଷତି ସହି ଚାଲିଛି। ଦୁଇ ରାଜ୍ୟ ମଧ୍ୟରେ ଆପୋସ ସମାଧାନ ପ୍ରକ୍ରିୟା ଆଗେଇ ପାରୁନାହିଁ। ମନ୍ତ୍ରୀସ୍ତରୀୟ କମିଟିର ଛତିଶଗଡ଼ ଗସ୍ତ ହୋଇପାରୁନି। ଛତିଶଗଡ଼ ସରକାର ଅସହଯୋଗ କରୁଥିବା ଜଣାପଡ଼ିଛି। ଓଡ଼ିଶା ସରକାର ଏବେ କେନ୍ଦ୍ର ସରକାରଙ୍କ ସିଧାସଳଖ ହସ୍ତକ୍ଷେପ ଲୋଡ଼ିଥିଲେ ମଧ୍ୟ କୌଣସି ଉତ୍ସାହଜନକ ପ୍ରତିକ୍ରିୟା ସେପଟୁ ମିଳିନାହିଁ। ମହାନଦୀ ପ୍ରସଙ୍ଗରେ ବିଜେଡି ଓ ବିଜେପି ମଧ୍ୟରେ ବୟାନବାଜି ଚରମ ସ୍ଥିତିରେ ପହଞ୍ଚିଛି। ବିଧାନସଭାରେ ଦୁଇ ଦଳ ଏହି ପ୍ରସଙ୍ଗରେ ମୁହାଁମୁହିଁ ହେବା ଥୟ। କଂଗ୍ରେସ ଉଭୟଙ୍କୁ ଦାୟୀ କରି ଆକ୍ରମଣ କରିବ। ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ରିପୋର୍ଟ ବିଧାନସଭାର ଆସନ୍ତା ଅଧିବେଶନରେ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାର ରିପୋର୍ଟ ଉପସ୍ଥାପନ କରିବେ ନା ଆଉ କିଛି ଆଳ ଦେଖାଇ ପୁଣି ଘୁଞ୍ଚାଇଦେବେ, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନୂଆ ସରକାର ଆସିଲା ପରେ ପାଞ୍ଚଟି ଅଧିବେଶନ ସରିଛି, ଅଥଚ ସରକାର କାହିଁକି ଏହି ରିପୋର୍ଟ ଉପସ୍ଥାପନ କରିନାହାନ୍ତି ତାହା ରହସ୍ୟଜନକ। ରାଜ୍ୟରେ ଏମିତି ପ୍ରସଙ୍ଗର ତାଲିକା ଲମ୍ବା। ଗଣମାଧ୍ୟମରେ ଓ ରାଜରାସ୍ତାରେ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରୁଛନ୍ତି ବିରୋଧୀ। ଏମିତି ପ୍ରସଙ୍ଗର ପାହାଡ଼ ଉପରେ ୧୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ। ଦୁଇଟି ପର୍ଯ୍ୟାୟରେ ୨୮ ଦିନ ଚାଲିବ। ଅଧିବେଶନକୁ ସୁରୁଖୁରୁରେ ପରିଚାଳନା କରିବାକୁ ସୋମବାର ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହା ପରେ ପରେ ବିଜେପି, ବିଜେଡି ଓ କଂଗ୍ରେସର ବିଧାୟକ ଦଳ ବୈଠକ ବସିବ। ସରକାରଙ୍କୁ କେଉଁ ପ୍ରସଙ୍ଗରେ କେମିତି ଘେରାଯିବ, ସେ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରଣନୀତି ପ୍ରସ୍ତୁତ କରୁଛନ୍ତି। ମୁକାବିଲା ପାଇଁ ବିଜେପି ମଧ୍ୟ ରଣନୀତି କରୁଛି। ଏଥର ବିଧାନସଭା ଅଧିବେଶନ ସମୟରେ ରାଜ୍ୟସଭା ନିର୍ବାଚନ ଥିବାରୁ ଅଧିବେଶନଟି ସରଗରମ ରହିବ। ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବା ନିଷ୍ପତ୍ତିକୁ ବିରୋଧୀ ପୂର୍ବରୁ ବିରୋଧ କରୁଥିବାବେଳେ ରାଜ୍ୟ ସରକାର ଏବେ ଟାଟା ପାୱାରକୁ ମିଟର ଲଗାଇବାକୁ ୭୩୫ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ତେଣୁ ଏହି ପ୍ରସଙ୍ଗ ଉଠିବ। ଏସ୍ଆଇଆର୍ ଓଡ଼ିଶାରେ କେବେ ଆରମ୍ଭ ହେବ ତାହା ଘୋଷଣା ହୋଇନଥିଲେ ହେଁ ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏପରିକି ଏସ୍ଆଇଆ ପାଇଁ ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ସରିଲାଣି। ତେଣୁ କ୍ଷେତ୍ର ସ୍ତରରେ ଦେଖାଯାଉଥିବା ସମସ୍ୟାକୁ ନେଇ ଉଭୟ କଂଗ୍ରେସ ଓ ବିଜେଡି ଗୃହରେ ଉଠାଇପାରନ୍ତି। ରାଜ୍ୟରେ ବାଲି, ଲଘୁ ଖଣିଜ ଚୋରା ଚାଲାଣ ସାଂଘାତିକ ରୂପ ଧାରଣ କରିଥିବାରୁ ଏହାକୁ ନେଇ ଗୃହ ହୁଲସ୍ଥୁଲ ହେବ। ଏସବୁ ବାଦ୍ ଗଜପତିରେ କୁନି ଶିଶୁକୁ ଦୁଷ୍କର୍ମ, ରାଜଧାନୀରେ ଏକାଧିକ ହତ୍ୟାକାଣ୍ଡ, ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ହିଂସା ବଢ଼ିବା ଭଳି ପ୍ରସଙ୍ଗ ଉଠିବ।




## ଭିନ୍ନକ୍ଷମଙ୍କୁ ସହଯୋଗର ହାତ ବଢ଼ାଇଲା ସାମାଜିକ ସଙ୍ଗଠନ ମାରୁତି ସେନା

କାମାକ୍ଷାନଗର : ଢେଙ୍କାନାଳ ଜିଲ୍ଲା ପାଟରପଦା ପଞ୍ଚାୟତ କଟା ବାହାଳ ଗାଁ ହରିଜନ ସାହିର ୭୦% ଭିନ୍ନକ୍ଷମ ଗରୀବ ଅସହାୟ ବଟକୃଷ୍ଣ ବେହେରା କ୍ଷ ଗୋଟିଏ ଝିଅ ଓ ପତ୍ନୀଙ୍କୁ ନେଇ ପରିବାର । ନା ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ଅଛି,ନା ଖାଇବାକୁ ଦି ଓଳି ଦି ମୁଠା ସମ୍ଭବ ହୋଇ ପାରୁଚି କ୍ଷଏ ଖବର ମାରୁତି ସେନା ସଦର୍ଷ୍ୟ ଖବର ପାଇ ସାମାଜିକ ସଙ୍ଗଠନ ମାରୁତି ସେନାର ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା, ଅନ୍ୟ ସଦସ୍ୟ ମାନଙ୍କୁ ସାଙ୍ଗରେ ଧରି ପହଞ୍ଚି ଥିଲେ ସେ ଅସହାୟ ପରିବାର ପାଖରେ କ୍ଷ ନିଜ ସାମର୍ଥ୍ୟ ମୁତାବକ ରାସନ୍ ସାମଗ୍ରୀ, ଅନ୍ୟାନ୍ୟ ଜିନିଷ, ପନିପାରିବା ଓ କିଛି ଆର୍ଥିକ ଅନୁଦାନ ପ୍ରଦାନ କଲେ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା । ସେ କିପରି ଘର ଖଣ୍ଡେ ପାଇବେ ଓ ଅନ୍ତୋଦୟ ଯୋଜନାରେ ସାମିଲ୍ ହେବେ, ସେ ଦିଗରେ ବି ପ୍ରୟାସ ଜାରି ରହିବ ବୋଲି ପ୍ରତିଶୃତି ଦେଇଛନ୍ତି କ୍ଷ ଅନ୍ୟ ମାନଂକ ମଧ୍ୟରେ, ସରୋଜ କୁମାର ସାହୁ, ଅମିତ୍ ରାଉତ୍ , ସୁଦର୍ଶନ ବାବୁ, ନିହାର ରଞ୍ଜନ ସାମଲ, ବିମଳ କୁମାର ନାୟକ, ରଞ୍ଜିତ କୁମାର ସାହୁ, ଶିବାନନ୍ଦ ଭୂତିଆ, ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସାମାଜିକ ସଙ୍ଗଠନ ମାରୁତି ସେନାର ଏଭଳି ଜନ ହିତକର କାର୍ଯ୍ୟ ଦେଖି ବୁଦ୍ଧିଯିବି ମହଲରେ ଢେର୍ ସାରା ପ୍ରଶଂସା କରାଯାଉଛି ।

## ମଧ୍ୟରାତ୍ରିରେ ଢ଼ାବା ମାଲିକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ବାରିପଦା : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳ ଏବେ ଅଶାନ୍ତ ହୋଇ ପଡ଼ିଛି । ବାଲେଶ୍ୱର ଜିଲ୍ଲାରୁ ଦୁର୍ବୃତ୍ତ ଆସି ଆତଙ୍କ ଖେଳାଉଛନ୍ତି । ବିଗତ କିଛି ଦିନ ହେବ ଲଗାତାର ଡକାୟତି ଓ ଛିନ୍ତାଇ ଘଟଣା ପରେ ଶୁକ୍ରବାର ରାତିରେ ପୁଣି ଢ଼ାବା ମାଲିକକୁ ଟାର୍ଗେଟ କରି ଗୁଳି ଫୁଟାଇଛନ୍ତି। ବାଲେଶ୍ୱର ଜିଲ୍ଲା ସିମୁଳିଆ ଅଞ୍ଚଳର ରାଜେନ୍ଦ୍ର ହାତୀଙ୍କର ବୈଶିଙ୍ଗା ଉପକଣ୍ଠ ୧୮ନଂ ଜାତୀୟ ରାଜପଥ ପାର୍ଶ୍ୱ ଖଇରିବଣି ଛକ ନିକଟରେ ଏକ ଢାବା 'ରୟାଲ ଢ଼ାବା' ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଢ଼ାବା ବନ୍ଦ କରି ମାଲିକ ସମେତ କର୍ମଚାରୀମାନେ ବିଶ୍ରାମ ନେଉଥିବା ସମୟରେ ବାଲେଶ୍ୱର ଜିଲ୍ଲା ଅଞ୍ଚଳର ଏକାଧିକ ଯୁବକ ଏକ ସ୍କର୍ପିଓ ଓ ୩ଟି ବାଇକ୍ ରେ ଆସି ଖାଇବାକୁ ମାଗିବା ସହିତ ଢ଼ାବା ଗେଟକୁ ଗୋଇଠା ମାରିଥିଲେ। ପରେ ସ୍ଥାନୀୟ ଚା ଦୋକାନୀ ମଧ୍ୟ ଘଟଣା ସ୍ଥଳକୁ ଆସିବାରୁ ତାଙ୍କୁ ମାଡ଼ ମାରି ତାଙ୍କ ହାତ ଭାଙ୍ଗି ଦେଇଥିଲେ । ଢ଼ାବା କର୍ମଚାରୀ ମିଶି ଦୁର୍ବୃତ୍ତ ମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବା ବେଳେ ସେମାନେ ଫାଙ୍କା ଗୁଳି ଚାଳନା କରି ହୋଟେଲ ମାଲିକଙ୍କ ସୁନା ହାର ଓ ନଗଦ ୧୮ହଜାର ଟଙ୍କା ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ହେଲେ ସେମାନଙ୍କ ମଧ୍ୟରୁ କ୍ଷିତୀଶ କୁମାର ଦାସ ନାମକ ଯୁବକକୁ ଢ଼ାବା କର୍ମଚାରୀ ମାନେ କାବୁ କରିନେଇଥିଲେ ଓ ପୁଲିସକୁ ଖବର ଦେଇଥିଲେ। ପରେ ବୈଶିଙ୍ଗା ପୁଲିସ ଜାତୀୟ ରାଜପଥରେ ତାଙ୍କ ପିଛା କରି ସ୍କର୍ପିଓ **OD01AG**-୨୭୨୭ ସମେତ ଅନ୍ୟ ୩ଜଣ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିଲେ । ରାଜେନ୍ଦ୍ରଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଅଟକ ଥିବା ୪ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କାରାଯିବା ନେଇ ସୂଚନା ଦେଇଛି । ତେବେ ବୈଶିଙ୍ଗା ଥାନା ଇଲାକାରେ ଲଗାତାର ଏହିଭଳି ଘଟଣାରେ ଅତିଷ୍ଠ ହୋଇ ସାଧାରଣ ଲୋକ ଥାନା ସମ୍ମୁଖରେ ଧାରଣା ଦେବା ନେଇ ମଧ୍ୟ ମୟୁରଭଞ୍ଜ ଏସପିଙ୍କୁ ସାକ୍ଷାତ କରି ଚେତାବନୀ ଦେଇଥିବାର ସୂଚନା ମିଳିଛି ।



## ଲିଜ ଧାରୀଙ୍କ ଉପରେ ଲଗାମ ଚୋରା ବାଲିଘାଟକୁ ମାଫ୍

ପରଜଙ୍ଗ: ପରଜଙ୍ଗ ତହସିଲ ଅଧୀନରେ ଥିବା ସ୍ୱୀକୃତି ପ୍ରାପ୍ତ ବାଲିଘାଟ ଉପରେ ପ୍ରଶାସନ ଦାଉ ସାଜିଛି। ଏକାଧିକ ଚୋରା ବାଲିଘାଟ ବାଲି ଚାଲାଣ ହେଉଥିବା ବେଳେ ପୁଲିସ ନୀରବଦ୍ରଷ୍ଟା ସାଜିଛି । ବାଲିଘାଟ ଗୁଡ଼ିକ ଅନୁମତି ଠାରୁ ଅଧିକ ପରିମିତ ସ୍ଥାନରୁ ବାଲି ଉତ୍ତୋଳନ ଅଭିଯୋଗରେ ଏହି ଚଢ଼ଉ ହେଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପରଜଙ୍ଗ ତହସିଲର ଗେଙ୍ଗୁଟିଆ, ସରାଙ୍ଗ, ସାଆନ୍ଦା, ରୋଡ ଏବଂ କନ୍ଦର ସିଂହା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଜଟିଆ, ସରାଙ୍ଗ ଅନନ୍ତଶୟନ, ଖାଲପାଳ, ଜକା, ମାଣକିମରା, ସରକିଶୋରପାଳ, ପାଳସାହି, କୁନ୍ଦନଦେଇପୁର, ଖଇରପଶି ଗ୍ରାମର ବ୍ରାହ୍ମଣୀ ନଦୀରେ ୩୦ ରୁ ଉର୍ଦ୍ଧ ସ୍ଥାନରେ ବାଲିମାଫିଆ ମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ସ୍ୱତ୍ତେ ସ୍ଥାନୀୟ ପୁଲିସ ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ଖଣି ଓ ତହସିଲ ପ୍ରଶାସନ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ବାଲିଘାଟ ଉପରେ ଚଢ଼ଉ କରାଯାଉଥିବା ବେଳେ ଚୋରା ବାଲିଘାଟ ଉପରେ ରୋକ ଲଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସରାଙ୍ଗ ଫାଣ୍ଡି ଠାରୁ ଅଳ୍ପ ଦୂରରେ ଜଟିଆ, ଅନନ୍ତଶୟନ, ଖାଲପାଳ ଗ୍ରାମର ବ୍ରାହ୍ମଣୀ ନଦୀରୁ ଟ୍ରାକ୍ଟର, ମିନି ଟ୍ରକ ଯୋଗେ ଖାଲପାଳ ସଂରକ୍ଷିତ ଜଙ୍ଗଲ ଦେଇ ଦୈନନ୍ଦିନ ବାଲି ଚାଲାଣ ହେଉଥିଲେ ମଧ୍ୟ ବନ ବିଭାଗ କି ପୁଲିସ ଜାଣିପାରୁନଥିବା ଜଣାପଡ଼ିଛି। ପାଳସାହି ଗ୍ରାମରୁ ବାଲି ଉତ୍ତୋଳନ କରି ଚାଲାଣ ହେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପୁଲିସ ବାଲି ମାଫିଆଙ୍କୁ ଧରିବାରେ ସକ୍ଷମ ହୋଇପାରିନି ।

**ସଂରକ୍ଷିତ ଜଙ୍ଗଲ ଦେଇ ଦୈନନ୍ଦିନ ଚୋରା ବାଲି ଚାଲାଣ**

**ନେତାଙ୍କ ଛତ୍ରଛାୟା ତଳେ ରହି କରୁଛନ୍ତି ଚୋରା ବ୍ୟବସାୟ**

**ସବୁ ଜାଣିଶୁଣି ଚୁପ୍ ଜିଲ୍ଲା ପ୍ରଶାସନ**

## ଯୁବ ଯନ୍ତ୍ରୀଙ୍କ ଭଡ଼ା ଘରେ ସନ୍ଦେହ ଜନକ ମୃତ୍ୟୁ

ଅନୁଗୋଳ : ଅନୁଗୋଳ ଜିଲ୍ଲା କାଣ୍ଡସାର ଗ୍ରାମର ଅଭିଜିତ ବିଶୋଇ ରେଙ୍ଗାଳି ମ୍ୟାକ୍ସ ପ୍ଲାନିଂ ଇଂଜିନିୟରିଂ କମ୍ପାନୀରେ କାର୍ଯ୍ୟରତ ଯନ୍ତ୍ରୀ ଥିଲେ ଓ ଅପରାହ୍ନରେ ସନ୍ଦେହ ଜନକ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସେ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଭଡା ଘରେ ରହୁଥିଲେ। ଉକ୍ତ ସଂସ୍ଥା ପାନୀୟ ଜଳ ଯୋଗାଣ ସମ୍ବନ୍ଧୀୟ ମେଘା ପ୍ରକଳ୍ପର ସହଯୋଗୀ ଭାବେ କାମ କରୁଥିଲା।ସହ କର୍ମୀମାନେ କାର୍ଯ୍ୟରୁ ଫେରି ତାଙ୍କୁ ଆଚେତ ଅବସ୍ଥାରେ ଦେଖି କଣିହାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ରେଙ୍ଗାଳି ପୋଲିସି ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସିଏନଜି ଯାନବାହାନ ଚଳାଚଳ ସମ୍ପର୍କିତ ସଚେତନତା ଶିବିର

ଅନୁଗୋଳ : ପ୍ରଦୂଷଣ ନିୟନ୍ତ୍ରଣ ସହ ଦେଶର ପ୍ରଗତିରେ ସହାୟକ ହେବ ସିଏନଜି । ଅନୁଗୋଳ ଜିଲ୍ଲା ଜରପଡା ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ରତନ ଫିଲିଂ ଷ୍ଟେସନ ଠାରେ ସି ଏନ୍ ଜି ଗ୍ୟାସ ବ୍ୟବହୃତ ବାଇକ୍ ଓ ଯାନବାହାନ ଚଳାଚଳ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ସି ଏନ୍ ଜି ଗ୍ୟାସ ବ୍ୟବହୃତ ବାଇକ୍ ଓ ଯାନବାହାନ ଚଳାଚଳ ଉପରେ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ । ସିଏନଜି ଗ୍ୟାସ ବ୍ୟବହୃତ ନୂତନ ମଡେଲ ପ୍ରସ୍ତୁତ ଚାରି ଚକିଆ ଯାନ କାର ବିକ୍ରୀ କାରବାର ଉପରେ ଗ୍ରାହକ ମାନଙ୍କୁ ଏହାର ଆବଶ୍ୟକତା, ଉପକାରିତା, ଅର୍ଥନୈତିକ ଉଦ୍ଦେଶ୍ୟ ସଂପର୍କରେ ସବିଶେଷ ସୂଚନା ଦେଇଥିଲେ ।

## ଚାଷୀ ମହଲରେ ଅସନ୍ତୋଷ ସହ ତଦନ୍ତ ଦାବି

# ବାଟବଣା ହୋଇଛି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ

ଖଣ୍ଡପଡ଼ା : ଖଣ୍ଡପଡ଼ା ବ୍ଲକର ରାଣିଛେଲି ପଞ୍ଚାୟତ ଅଧୀନ ଗୋଶିଙ୍ଗନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମରାମତି କାର୍ଯ୍ୟ ବାଟବଣା ହୋଇ ଗତ ୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ସମୟାନୁକ୍ରମେ ଉକ୍ତ ଡ୍ୟାମଟି ପୋତି ହୋଇ ପଡୁଥିବାରୁ ଡ୍ୟାମର ଜଳଧାରଣ କ୍ଷମତା ହ୍ରାସ ପାଇବାରେ ଲାଗିଛି। ଯାହାକି ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପ୍ରତିବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଥିବା ବେଳେ ଚାଷ ବାସ ଓ ପନିପରିବା ଫସଲ ପ୍ରଭାବିତ ହେଉଛି । ତେବେ ନିକଟରେ ଏତେ ବଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ ଠିକଣା ସମୟରେ ତାହା ଚାଷୀମାନଙ୍କ କାର୍ଯ୍ୟରେ ଆସୁନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ରାଣୀଛେଲି ପଞ୍ଚାୟତ ଅଧୀନ ଗୋହିରିଆପଡା, କଳପଙ୍ଗି, ରାଣିଛେଲି, ମର୍ଦ୍ଦରାଜପ୍ରସାଦ ପ୍ରଭୃତି ଗ୍ରାମର ଶହଶହ ଚାଷୀ ପରିବାର ଗୁଡ଼ିକ ସଂପୂର୍ଣ୍ଣ ରୁପେ ନିର୍ଭର କରି ଆସୁଛନ୍ତି। ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ନେଇ ବାରମ୍ବାର ଦାବି ପରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଡ୍ୟାମରୁ ପଙ୍କଉଦ୍ଧାର ସହ



ପାର୍ଶ୍ୱସ୍ଥ କେନାଲ ଗୁଡିକର ଆନୁସଙ୍ଗିକ ମରାମତି କାର୍ଯ୍ୟ ଗତ ୨ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏଥି ନିମନ୍ତେ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର କାର୍ଯ୍ୟରେ ନିୟୋଜିତ ଠିକାଦାର ଯେନତେନ ଉପାୟରେ ଅଧା କାର୍ଯ୍ୟ କରି ଛାଡି ଚାଲି ଯାଇଥିବା ଜଣାପଡିଛି। ସମ୍ପୃକ୍ତ ଠିକାଦାର ପ୍ରକଳ୍ପ ଅବବାହିକାରୁ ମାଟି ଉଠାଇ ଟ୍ରିପ ଟ୍ରିପ ମାଟି ଏଣେ ତେଣେ ବିକ୍ରୀ କରିବାକୁ ନେଇ ସେତେବେଳେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ ଉଠାଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ସେଥିପ୍ରତି ପ୍ରଶାସନ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ କେହି ହେଲେ ସେହି ସମୟରେ ସେତେଟା ଗୁରୁତ୍ୱ ଦେଇ ନଥିବା ଜଣାପଡିଛି ।ତେବେ ସେହିଦିନ ଠାରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟର ପୂର୍ଣ୍ଣାଙ୍ଗ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ନଦେଇ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଚାଷୀମାନଙ୍କ କଲ୍ୟାଣ ନିମନ୍ତେ ସରକାର ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଥିଲେ ହେଁ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଚତୁର୍ଦ୍ଦିଗକୁ ସଂଯୋଗ କରୁଥିବା କେନାଲ ଗୁଡିକ ଏବେ ମାଟିରେ ପୋତି ହୋଇ ପଡିଥିବା ନଜରକୁ ଆସୁଛି । ସେହିପରି ବେଳକୁ ବେଳ ଜଳଭଣ୍ଡାର ପୋତିହୋଇ ପଡୁଥିବା ବେଳେ ଗ୍ରୀଷ୍ମ ଋତୁରେ ଜଳଭଣ୍ଡାରଟି ପୁରା ଶୁଖିଲା ପଡୁଛି ।ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଗୋସିଙ୍ଗ ନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ରାଣୀଛେଲୀ ପଞ୍ଚାୟତବାସୀ ଦାବି କରିଥିବା ବେଳେ ପ୍ରକଳ୍ପ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ ଜିଲ୍ଲାପ୍ରଶାସନ ଓ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିକାଶ ଅଭାବରୁ ପରିଚୟ ଖୋଜୁଛି କଳାହୀରାର ସହର ତାଳଚେର

## ●କୋଟି କୋଟି ଟଙ୍କାର ରାଜସ୍ୱ ଦେଉଥିବା ତାଳଚେର ଆଜି ଅବହେଳିତ

## ●ଶିକ୍ଷିତଯୁବକ ନିଯୁକ୍ତି ନପାଇ ଅପରାଧିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ

ତାଳଚେର: ଶିଳ୍ପନଗରୀ ତାଳଚେର ଅଂଚଳରେ ଦିନକୁ ଦିନ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଇବା ସହ ସେହି ଅନୁପାତରେ କୋଇଲା ଖଣି କଳକାରଖାନା ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନ ଏଠାରେ ବେକାରୀ ସମସ୍ୟା ମୁଣ୍ଡ ଟେକିଛି। କିନ୍ତ ଏଠିକାର ନେତାମାନେ ବାହାରଘର ଭୂଜି, କ୍ରିକେଟ୍ ମ୍ୟାଚ୍, ମନ୍ଦିର, ଧର୍ମଶାଳାକୁ ଯାଇ ବେଶ ଆନନ୍ଦରେ ଫିତାକାଟି ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇ ବାହାଃ ବାହାଃ ନେଉଥିବା ବେଳେ ତାଳଚେର ବିକାଶ ଦିନକୁ ଦିନ ଝୁଂଟିବାରେ ଲାଗିଛି । ଏଠାକାର ଶିକ୍ଷିତ ଯୁବକ ଯୁବତୀଙ୍କ ନିଯୁକ୍ତି ଠାରୁ ଆରମ୍ଭକରି ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଘୋର ସମସ୍ୟା ଉପୁଜୁଥିବା ବେଳେ ଶିକ୍ଷିତ ଯୁବକ ମାନେ ନିଯୁକ୍ତି ନପାଇ ମାରାତ୍ମକ ନିଶା କବଳରେ ପଡ଼ି ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହି ପରିବାରକୁ ଦୁଃଖ ଦେବା ସହ ସମାଜପାଇଁ ସେମାନେ ବୋଝ ହୋଇଥିବା ପରିବାର ଗୁଡ଼ିକ ପକ୍ଷରୁ ସୂତ୍ରରୁ ଜଣାପଡ଼ିଛି । ଆହୁରି ମଧ୍ୟ ନେତାମାନେ କର୍ମୀଙ୍କୁ କିଛି କିଛି ସାହାଯ୍ୟକରି ସହାନୁଭୂତି ସାଉଂଟୁଥିବା ବେଳେ ସେହି କର୍ମୀଙ୍କ ହାତରେ ମଦ ବୋତଲ ଧରାଇ କେବଳ ସେମାନଙ୍କର ସ୍ୱାର୍ଥ ହାସଲ କରିଥାନ୍ତି, କିଛି କୁଜିନେତା ନିଜର ଅଧିପତ୍ୟ ଜାହିର କରିବା ପାଇଁ ବିଭିନ୍ନ ଉପାୟ ଆପଣାଇ ଧାରଣା ବସିଥାନ୍ତି ବୋଲି ତାଳଚେର ଅଂଚଳର ଗଳିକନ୍ଦିରେ ଚର୍ଚ୍ଚା ଯୋରଧରିଛି । ଆଜି ୧୪୯ନଂ-ଜାତୀୟ ରାଜପଥ ମରଣଯନ୍ତା ସାଜିଥିବା ବେଳେ ଠିକାଦାର ୪ଲେନ ରାସ୍ତା ନିର୍ମାଣ କରିବାକୁ ନେଇ ଅଂଟା ଭିଡ଼ିଥିବା ବେଳେ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା, ରାସ୍ତାକଡ଼ରୁ ପାଇପ୍ ଲାଇନ୍ ହଟାଇବା, ବିଦ୍ୟୁତ୍ ଟ୍ରାନ୍ସଫୋରମର ଇତ୍ୟାଦି ହଟୁନଥିବାରୁ ଏହି ରାସ୍ତାଟି କେବେ ନିର୍ମାଣ ହେବ ତାହା କେବଳ ଧର୍ମକୁ ଆଖିଠାର ମାରିଭଳି ଜଣାପଡୁଛି । ଏହି ତାଳଚେର ଅଂଚଳରୁ ଲ୍ୟାଣ୍ଡଆକ୍ୟୁଜେସନ୍ କାର୍ଯ୍ୟାଳୟ ଠାରୁ ଆରମ୍ଭକରି ପାଖାପାଖି ୧୮ଟି ସରକାରୀ ଦପ୍ତର ଚାଲିଯାଇଥିଲେ ମଧ୍ୟ ତାଳଚେର କୌଣସି ନେତା ମୁହଁ ଖୋଲୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ଏପରିକି ଏମ୍‌ସିଏଲ ସିଏସଆର ଅର୍ଥରୁ ପ୍ରାୟ ୧୮ଶହକୋଟି ଟଙ୍କା ବିନିମୟରେ ଘଂଟପଡ଼ା ଗ୍ରାମ ନିକଟରେ କ୍ଷତିଗ୍ରସ୍ତ ଅଂଚଳବାସୀଙ୍କ ଲାଘବ ଓ ଖଣି କଳକାରଖାନା ଯୋଗୁଁ ମାରାତ୍ମକ ରୋଗର ଶୀକାର ହେଉଥିବାରୁ ୫ଶହ ଶଯ୍ୟାବିଶିଷ୍ଟ ମେଡ଼ିକାଲ କଲେଜ ନିର୍ମାଣ କରାଗଲା । ମାତ୍ର ଏଥିରେ ପାଠପଢ଼ିବା ଛଡ଼ା ଏପର୍ଯ୍ୟନ୍ତ ରୋଗୀ ଚିକିତ୍ସା ପାଇଁ ବାଟ ଖୋଲି ପାରିଲା ନାହିଁ । ବହୁ ଦାବି ଉପସ୍ଥାପନା ପରେ ୧୦ବର୍ଷରେ କେବଳ ଘଂଟପଡ଼ା ରେଲୱେ ଲାଇନ ଉପରେ ଓଭରବ୍ରିଜ୍ ନିର୍ମାଣ କରାଯାଇଥିଲେ ମଧ ତାଳଚେର ଅଂଚଳର ଚର୍ତୁପାଶ୍ୱର୍ରେ ବିଭିନ୍ନ ମୁଖ୍ୟ ରାସ୍ତା ଉପରେ କମ୍ପାନୀ ପକ୍ଷରୁ ଟ୍ରେନ ଲାଇନ୍ ବିଛା ଯାଇଥିଲେ ମଧ ସେଠାରେ କୌଣସି ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ୍ ନିର୍ମାଣ ନହେବା ଅତି ପରିତାପର ବିଷୟ । ତାଳଚେର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପବିତ୍ରମୋହନ ମେଡ଼ିକାଲ




କଲେଜରେ ରୋଗୀସେବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଥିବା ଦେଖିବାକୁ ମିଳିଛି । ତେଣୁ ଏଠାରେ ମା'ମାଟି ପାଇଁ ନେତାଙ୍କର କେତେ ଦରଦି ଏଥିରୁ ସ୍ପଷ୍ଟ ଅନୁମେୟ । ବିବାହ ଉତ୍ସବ, ଏକୋଶିଆ, ବର୍ଷପୂରାଣୀ, ସୁଧଘର ଏଭଳି କାର୍ଯ୍ୟରେ ଯୋଗ ଦେଉଥିବା ବେଳେ ଏବେ ନେତାଙ୍କ କ୍ରିକେଟ ଟୁର୍ଣ୍ଣାମେଂଟର ଫିତାକଟା ମଧ୍ୟରେ ସୀମିତ ରହୁଥିବା ସହ ପାଟିପାଇଁ ଯେତିକି ଦରଦ ମା'ମାଟି ପାଇଁ ସେତିକି ଦରଜ ରହିଲାଭଳି ମନେ ହେଉନାହିଁ । ଏହାକୁ ନେଇ ତାଳଚେର ନିଜର ଅସ୍ତିତ୍ୱ ହରାଇବା ସହ ବିକାଶ ମଧ୍ୟ ଆଜି ଚୂଲିକୁ ଯାଇଛି ବୋଲି ଯାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

# ତ୍ରୟମ୍ବକଂ ଯଯାମହେ ସୁଗନ୍ଧି ପୃଷ୍ଟିବର୍ଦ୍ଧନଂ

●ଡ଼କ୍ଟର ମନସା ଶ୍ରୀଚନ୍ଦନରାୟ

ଆମ ପରମ୍ପରା ଓ ସଂସ୍କୃତିରକ୍ରମବିକଶ ମଣିଷକୁ ଶୃଙ୍ଖଳିତ, ନିୟମିତ ଓ ରଚିଶୀଳ କରାଏ, ସେଥିପାଇଁ ଉତ୍କଳୀୟମାନେ କାହିଁ କେଉଁ ଅନାଦି କାଳରୁ ପରମ୍ପରା ଓ ସଂସ୍କୃତି ପ୍ରତି ସଚେତନ ହୋଇ ନିଜର ରୀତିନୀତି,ଧର୍ମବିଶ୍ୱାସ ପୂଜାପଦ୍ଧତି, ଜୀବନଶୈଳୀରେ ସାଂସ୍କୃତିକ ଚେତନାକୁ ପ୍ରତିଫଳିତ କରାଇଛନ୍ତି ।ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ପଞ୍ଚଦେବତାଙ୍କ ଉପାସନା ଦେଖିବାକୁ ମିଳେ । ଯଥା- ଶିବ,ଶକ୍ତି, ବିଷ୍ଣୁ, ଗଣେଶ, ସୂର୍ଯ୍ୟ । ଏଥିମଧ୍ୟରୁ ଯେଉଁ ଧର୍ମ ଶିବଙ୍କୁ କେନ୍ଦ୍ରକରି ଉପାସନାର ପଦ୍ଧତି ସ୍ଥିର କରାଯାଇଥିଲା ତାହାକୁ ଶୈବଧର୍ମ କୁହାଗଲା, 'ଶିବ' ନାମଟି ଦେବୋତ୍ତର ଯୁଗର ସୃଷ୍ଟି ହେଲେ ମଧ୍ୟ ପ୍ରାକ୍ ବୈଦିକ ଯୁଗରେ ଶୈବଚେତନାର ଉନ୍ମେଷ ଘଟିଥିଲା । ପ୍ରାଚୀନ ଓ ମଧ୍ୟଯୁଗୀୟ ଅଭିଲେଖ ଗୁଡ଼ିକରୁ ଶୈବ ସଂସ୍କୃତିର ପ୍ରାଧାନ୍ୟ ଅନୁଭୂତ ହୁଏ । ଏହି ସଂସ୍କୃତି ରାଜାଶ୍ରୟୀ ହୋଇଥିବାରୁ ସାଧାରଣ ଜନତା ଏହି ଧର୍ମପ୍ରତି ଆନୁଗତ୍ୟ ପ୍ରକାଶ କରୁଥିଲେ ।

ଶୈବ ସଂସ୍କୃତିକୁ ଭିତ୍ତିକରି ଓଡ଼ିଶାରେ ପର୍ବପର୍ବାଣି ଓ ଓଷାବ୍ରତ ପାଳିତ ହୁଏ । ଶିବ ହେଉଛନ୍ତି ମଙ୍ଗଳମୟ ମାତ୍ର ସେ ହେଉଛନ୍ତି ରୁଦ୍ର ଓ ଭୟଙ୍କର ସେ ପୁଣି କୋପେବର ଅବା ତପେବର । ସେ ମହାବଳୀ, ସୁନ୍ଦର, ସ୍ୱାସ୍ଥ୍ୟବାନ୍, କପାଳୀ, ଦିଗମ୍ବର, ଚନ୍ଦ୍ରଚୂଡ଼, ତ୍ରିଶୂଳ ପିନାକାଧାରୀ, ବୃଷାରୂଢ଼, ପଞ୍ଚାନନ, ସୂର୍ଯ୍ୟଚନ୍ଦ୍ର ଅଗ୍ନିନୟନ ସେ ସର୍ବବ୍ୟାପି, ସର୍ବନିୟାମକ ସମସ୍ତ ସତ୍ତାଭିତରେ ତାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରାଯାଏ । ତେଣୁ 'ମହାନାରାୟଣ ଉପନିଷଦ' ରେ କୁହାଯାଇଛି ଯେ,

"ଇଶାନଃ ସର୍ବବିଦ୍ୟା ନାମୀଶ୍ୱରଃ ସର୍ବଭୂତାନାଂ ବ୍ରହ୍ମାଧ
ପତି
ବ୍ରହ୍ମଣୋଽଧିପତି ବ୍ରହ୍ମା ଶିବୋ ମେଽସ୍ତୁ
ସଦାଶିବୋମ୍"

"ଶିବ" ଶବ୍ଦର ତାତ୍ପର୍ଯ୍ୟପୂର୍ଣ୍ଣ ବ୍ୟୁତ୍ପତ୍ତିଗତ ଅର୍ଥ ହେଉଛି ଯେ, 'ଶ'କାର ସୁଖ ଶୟନ ଯାହା ସୁଷୁପ୍ତି ଅଥବା ସମାଧି ଅଟେ । 'ଇ' କାର ଅଭୀଷ୍ଟୋପଲବ୍ଧି, 'ବ' କାର ଅମୃତବୀଜ ଓ ବରୁଣାଦି ଅଧିଦେବଙ୍କୁ ବୁଝାଏ । ଆର୍ଯ୍ୟୋତ୍ତର ଦେବତା, ଶିବ ବୈଦିକ ଯୁଗରେ ରୁଦ୍ର ଙ୍କ ସହ ସମଧର୍ମୀ ହୋଇ ଖ୍ରୀ.ପୂ. ୨ୟ ଶତାବ୍ଦୀ ବେଳକୁ ଭାରତୀୟ ସଂସ୍କୃତିରେ ପୂଜିତ ହେଲେ, ଋକବେଦ' ରେ ଉଭୟ ଶିବ ଙ୍କର ଶାନ୍ତରୂପ ଓ ରୁଦ୍ରଙ୍କର ଭୀମରୂପ ବର୍ଣ୍ଣିତ ହୋଇଛି । ସେ ହସ୍ତରେ ଧନୁ ଓ ଶର ଧାରଣ କରିଛନ୍ତି ଏବଂ ବଜ୍ର ବିଦ୍ୟୁତ ନିକ୍ଷେପ କରିଛନ୍ତି, ଭକ୍ତମାନେ ତାଙ୍କ କ୍ରୋଧରୁ ରକ୍ଷାପାଇବା ପାଇଁ ତାଙ୍କୁ ଯେତେବେଳେ ଆକୁଳ ପ୍ରାର୍ଥନା କରନ୍ତି ସେତେବେଳେ ସେ ଆଶୁତୋଷ ହୋଇ କୃପା ଦେଖାନ୍ତି । ସେ ରକ୍ଷାକାରୀ ଓ ସଂହାରକାରୀ, ସେ ପୁଣି ସର୍ବରୋଗହାରୀ ମହାବୈଦ୍ୟଭାବେ ମଧ୍ୟ ବର୍ଣ୍ଣିତ । ସେ ଅଗ୍ନି, ଜଳ ବନସ୍ପତି ଆଦି ସର୍ବଭୂତରେ ବିଦ୍ୟମାନ, "କୌଷିତକ ବ୍ରାହ୍ମଣ" ଓ ଶତପଥ ବ୍ରାହ୍ମଣ ଗ୍ରନ୍ଥ ଅନୁସାରେ ରୁଦ୍ର ଉଷାଙ୍କ ପୁତ୍ର ଥିଲେ । ବଡ଼ ହେଲାପରେ ବ୍ରହ୍ମା ତାଙ୍କର ଆଠଗୋଟି ନାମ ପ୍ରଦାନ କରିଥିଲେ, ସେଥିମଧ୍ୟରୁ ଚାରୋଟି (ରୁଦ୍ର, ଶର୍ବ, ଉଗ୍ର , ଅଶନି) ବିନାଶକାରୀ ଶକ୍ତି ବୋଧକ ଏବଂ ଅନ୍ୟ ଚାରୋଟି ଭବ, ପଶୁପତି, ମହାଦେବ ଓ ଇଶାନ କଲ୍ୟାଣକାରୀ ଶକ୍ତିବୋଧକ ଅଟନ୍ତି ।

ସେହି ଦେବଦେବ ମହାଦେବ ଶିବଙ୍କର ପୂଜା ମଧ୍ୟରେ ଶିବରାତ୍ରିର ପ୍ରାଧାନ୍ୟ ଅନସ୍ୱୀକାର୍ଯ୍ୟ, ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ, ପୃଥିବୀର ଛାୟା ପୃଷ୍ଠରେ ଚନ୍ଦ୍ର ବିଲୀନପ୍ରାୟ ବାସନ୍ତୀ ବାସନ୍ତୀ ବିମୁଗ୍ଧ ଅମାବାସ୍ୟାର ରାତ୍ରୀ ମହାଶିବରାତ୍ରି । ମହାଶିବରାତ୍ରି ସମ୍ପର୍କରେ 'ଇଶାନ ସଂହିତା'ରେ କୁହାଯାଇଛି ଯେ,

"ଶିବରାତ୍ରି ବ୍ରତଂ ନାମ ସର୍ବପାପ ପ୍ରଣାଶନମ୍
ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତିମୁକ୍ତି ପ୍ରଦାୟକମ୍" ।

ଏହି ଦିନକୁ କେହି କେହି ଶୈବ ବସନ୍ତଉତ୍ସବ ମଧ୍ୟ କହିଥାନ୍ତି । ବସନ୍ତର ମୃଦୁମୃଦୁ ମଳୟ ପବନ ଲୋକଙ୍କ ମନରେ ଉନ୍ମାଦନା ଭରିଦିଏ । ଫଳରେ ଉନ୍ମାଦିତ ମନୁଷ୍ୟ ହୁଏ ଉଚ୍ଛୃଙ୍ଖଳିତ, ଅନିୟମିତ , ଅସଂଯମିତ, କାମନା ବାସନାରେ ଚିରଜାଗ୍ରତ, ଏହି ଭାବରୁ ମୁକ୍ତି ପାଇଁ ପରମଯୋଗୀ ଶିବଙ୍କ ପାଖରେ ଭକ୍ତ ହୁଏ ଶରଣାଗତ, ପାଳନକରେ ମହାଶିବରାତ୍ରିର ଜାଗରବ୍ରତ ।

ଏହି ଦିବସର ତାତ୍ପର୍ଯ୍ୟ ସଂପର୍କରେ ପାଶ୍ଚାତ୍ପଟରେ ରହିଛି ଅନେକ ପୌରାଣିକ ଆଖ୍ୟାନ, ଉପାଖ୍ୟାନ, ଜନଶ୍ରୁତି ଇତ୍ୟାଦି, ରାମାୟଣରେ ଉଲ୍ଲେଖ ଅଛି ଯେ, ପୂର୍ବେ ରାଜା ଭଗୀରଥ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏକ ହଜାର ବର୍ଷ ତପସ୍ୟା କଲେ, ତପସ୍ୟାର କାରଣ ଥିଲା ପୂର୍ବ ପୁରୁଷମାନଙ୍କର ମୁକ୍ତି, ଗଙ୍ଗାଙ୍କୁ ମଧ୍ୟ ପୁର୍ବ ପୁରୁଷଙ୍କ ଭସ୍ମକୁ ଧୋଇ ପାପମୁକ୍ତ କରିବା ପାଇଁ ଧରାବତରଣ ହେବାକୁ ଅନୁରୋଧ କଲେ । ମାତ୍ର ଗଙ୍ଗାଧାରାକୁ ସହ୍ୟ କରିବା କାହାପକ୍ଷରେ ସମ୍ଭବ ନୁହେଁ । ଶିବ ହିଁ ଏକମାତ୍ର ଶକ୍ତି ଯିଏ ଗଙ୍ଗାଧାରାକୁ ସହିପାରିବେ ତେଣୁ ଭାଗୀରଥି ପ୍ରଥମେ ଶିବଙ୍କୁ ପ୍ରାର୍ଥନା କରି ସନ୍ତୁଷ୍ଟ କରିବା ପରେ ତାଙ୍କ ଜଟାଦେଇ ଗଙ୍ଗାବତରଣ ସମ୍ଭବ ହେଲା, ତେଣୁ ଏହି ମହାଶିବରାତ୍ରିରେ ଲିଙ୍ଗସ୍ନାନ ଗଙ୍ଗାଙ୍କର ମର୍ତ୍ତ୍ୟବତରଣକୁ ପ୍ରତିକିତ କରାଏ । 'ରାମାୟଣ' ରେ ଶିବଙ୍କୁ ମହାଦେବ, ତ୍ରିଲୋଚନ, ତ୍ର୍ୟମ୍ବକ ଓ ଭୂତନାଥ ନାମରେ ନାମିତ କରାଯାଇଛି ।

ମାର୍କଣ୍ଡେୟ ଋଷିଙ୍କ ମତରେଦିନେ ସମଗ୍ର ବ୍ରହ୍ମାଣ୍ଡ ଅତଳଗର୍ଭରେ ବିଲୀନଥିଲା, ଶିବଲିଙ୍ଗ ସେଇ ଅନ୍ଧାରକୁ ସ୍ୱୀୟଜ୍ୟୋତିରେ ହରଣ କରି ଚତୁର୍ଦ୍ଦିଗକୁ ଆଲୋକିତ କରିଥିଲା ଫଳସ୍ୱରୂପ ଏହି ରାତ୍ରିକୁ ମହାଶିବରାତ୍ରି ବୋଲି କୁହାଯାଏ ।
'ଶିବପୁରାଣ' ର 'ରୁଦ୍ରସଂହିତା'ର ଏକ
ଆଖ୍ୟାୟିକାରୁ ଜଣାଯାଏ ଯେ,

ଶିବ ସୃଷ୍ଟି ସଞ୍ଚାଳନ କରିବା ପାଇଁ ସାମର୍ଥ୍ୟଯୁକ୍ତ ଦିବ୍ୟପୁରୁଷଙ୍କୁ ସୃଷ୍ଟି କରି ସଂସାରର ପାଳନଭାରରୁ ମୁକ୍ତ ହୋଇଥିଲେ । ସେହି ପୁରୁଷ ହେଲେ ଶିବଙ୍କ ସ୍ୱରୂପ ଏବଂ ବିଷ୍ଣ ନାମରେ ଖ୍ୟାତ, ପରେ ଅଷ୍ଟମ ଶତାବ୍ଦୀରେ ଆଚାର୍ଯ୍ୟ ଆଦିଶଙ୍କର ଶିବବିଷ୍ଣୁଙ୍କର ଅଭେଦ୍ୟକୁ ହୃଦୟଙ୍ଗମ କରି ଶୈବ, ବୈଷ୍ଣବଧର୍ମର ସମନ୍ୱୟ ସଂଘଟିତ କରିପାରିଥିଲେ । ପରେ ସମଗ୍ର ଭାରତପରି ଓଡ଼ିଶାରେ ହରିହର ଚେତନା ସଂଘଟିତ ହୋଇଥିବା ଜଣାଯାଏ । ହରିହର ଉପାସନାର ଦ୍ୟୋତକ ଜାଗରଯାତ୍ରା ଯେଉଁଦିନ ହରିହର ଭେଟ ନୀତି ରହିଛି ।



ଜନଶ୍ରୁତି ରୁ ଜଣାଯାଏ-
ଥରେ ଜଣେ ବ୍ୟାଧ ମୃଗ ଶିକାର କରି ଫେରୁଥିବାବେଳେ କ୍ଲାନ୍ତହୋଇ ଏକ ବୃକ୍ଷମୂଳରେ ଆଶ୍ରୟନେଲା । ବିଶ୍ରାମ କରୁକରୁ ନିଦ୍ରିତ ହେଲା ଦେଖୁ ଦେଖୁ ରାତ୍ରି ଉପଗତ, ତେଣୁ ରାତ୍ରିରେ ବନମଧ୍ୟରେ ଘରକୁ ଯିବା ବିପଦ ଜାଣି ବୃକ୍ଷାରୋହଣ କଲା । ସେଦିନ ଥିଲା ଫାଲ୍ଗୁନ ଚତୁର୍ଦ୍ଦଶୀ ଅମାବାସ୍ୟା । ଯେଉଁ ଗଛ ଉପରେ ବ୍ୟାଧଟି ବସିଥିଲା ତାହାଥିଲା ବେଲଗଛ ସେହି ଗଛ ମୂଳରେ କାହିଁ କେଉଁ ଅନାଦିକାଳରୁ ଶିବ ପୂଜା ପାଉଥିଲେ । ରାତିସାରା ବ୍ୟାଧଟି କାନ୍ଦୁଥିଲା । ତାହାର ଲୁହବିନ୍ଦୁ ଶିବଲିଙ୍ଗ ଉପରେ ପଡୁଥାଏ, ଖାଲି ସେତିକି ନୁହେଁ ଅନାହାରରେ ବ୍ୟାଧଟି ବେଲପତ୍ରକୁ ଛିଣ୍ଡେଇ ତଳକୁ ପକାଉଥାଏ, ଫଳସ୍ୱରୂପ ଏକପ୍ରକାର ମଣିକାଞ୍ଚନ ସଂଯୋଗ ହୋଇ ମହାଦେବ ବ୍ୟାଧ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଶିବଲୋକ ପ୍ରାପ୍ତ କରାଇଥିଲେ ।

ତେବେ ଏହି ସବୁ ଆଖ୍ୟାନ ଉପାଖ୍ୟାନରେ ସତ୍ୟାସତ୍ୟର ପ୍ରମାଣକୁ ଭକ୍ତ କେବେ ଖୋଜେ ନାହିଁ । ଭକ୍ତ କେବଳ ଏତିକି ଜାଣିଛନ୍ତି ଶିବ ହେଉଛନ୍ତି ରହସ୍ୟମୟ ଦେବତା, ମଙ୍ଗଳମୟ ଦୁଃଖ ଶୋକହାରୀ, ତ୍ରିନେତ୍ରଧାରୀ ପାପ ତାପ ବିନାଶ ନିମନ୍ତେ ନିଜର ତୃତୀୟ ନେତ୍ରକୁ ଖୋଲନ୍ତି । ସଂସାରର ପାପତାପର ଗରଳକୁ ପାନକରି ସେ ହୋଇଛନ୍ତି ନୀଳକଣ୍ଠ, ସେ ଅର୍ଦ୍ଧନାରୀଶ୍ୱର, ଜଟାଜୁଟଧାରୀ ଧୂର୍ଜଟୀ ଅନେକ ବିଶ୍ୱାସ ଓ ଦର୍ଶନର ମୂଳଉତ୍ସ, ତାଙ୍କରି ଉଦେ୍ଦଶ୍ୟରେ ମହାଶିବରାତ୍ରି ଯେଉଁଦିନ ପ୍ରଭୁଙ୍କର ଶ୍ମଶାନ ପରିଭ୍ରମଣ ସ୍ଥଗିତ । ସଂସାରବାସୀ ପ୍ରାର୍ଥନା ଶୁଣିବା ପାଇଁ ତାଙ୍କର ମନ୍ଦିରର ଦ୍ୱାର ଉନ୍ମୁକ୍ତ । ଉପାସ୍ୟ ଉପାସକ ଆଜି ଉଭୟେ ଜାଗ୍ରତ ତାଙ୍କ ପାଇଁ ଯେଉଁ ଷଡ଼ବିଧ ଉପଚାର ଆବଶ୍ୟକ ତାହା ହେଉଛି- ଆତ୍ମଶୁଦ୍ଧି ପାଇଁ ବେଲପତ୍ର ଓ ଶକ୍ତି ପାଇଁ ତୁଳସୀଜଟା, ଶୀତଳତା ପାଇଁ ଚନ୍ଦନ, ଦୀର୍ଘାୟୁ ପାଇଁ ଫଳମୂଳ, ସଂପଦପାଇଁ ଧୂପ, ଜ୍ଞାନ ପାଇଁ ଦୀପ ଇତ୍ୟାଦି । ଏତଦ୍‌ବ୍ୟତୀତ ପାଷାଣ ଲିଙ୍ଗରେ ଦୁଦୁରାଫୁଲ, କର୍ପୂରଚନ୍ଦନ, ନବାତ, ଦଧି, ଦୁଗ୍ଧ, ଘୃତ, ଲବଣୀ, ମହୁ ଭାଙ୍ଗର ଘର୍ଷଣ ମାନସିକ ପବିତ୍ରତା ମଧ୍ୟରେ ଏହି ସବୁର ମିଶ୍ରଣ ଏକ ମହୌଷଧି ରୂପେ କାର୍ଯ୍ୟକରେ, ଯାହା ଏହି ଦିନମାନଙ୍କରେ ହେଉଥିବା ଜ୍ୱର, କଫ, ବିଷଜ୍ୱାଳା, ପେଟରୋଗ, ମସ୍ତିଷ୍କ ଜନିତ ରୋଗ ଏବଂ ବସନ୍ତଋତୁର ଅନେକ ସଂକ୍ରାମକ ରୋଗର ନିବାରଣ କରେ । ଏଥିପାଇଁ ଭକ୍ତ ଉଜାଗର ରହି ମହାଦୀପକୁ ପ୍ରଜ୍ୱଳିତକରି ଆଧ୍ୟାତ୍ମିକ ଆନନ୍ଦ ଲାଭ କରେ । ଭକ୍ତ ବୈରାଗ୍ୟର ସହସ୍ରଦୀପକୁ ଜଳାଇ ନିଜ ଅନ୍ତରରେ ଆତ୍ମଶକ୍ତିକୁ ଜାଗ୍ରତ କରାଇଥାନ୍ତି । ତେବେ ଏହି ଜାଗର ସମ୍ପର୍କରେ "ଶିବ ପୁରାଣ" ରେ ଶିବଙ୍କ ଉକ୍ତିରେ କୁହାଯାଇଛି ଯେ,

"ନ ସ୍ନାନେନ ନ ବସ୍ତ୍ରେଣ ନ ଧୂପେନ ନଚାର୍ଯ୍ୟାୟ ।
ତୁଷ୍ୟାମି ନ ତଥା ପୁଷ୍ପେଂର୍ଯଥାତ ତ୍ରୋପବାସତାଃ" ।

ଅର୍ଥାତ୍ ସ୍ନାନ ବସ୍ତ୍ର ଧୂପ ଦୀପ ଦେଇ ପୂଜାକଲେ ମୁଁ ଯେତେ ସନ୍ତୁଷ୍ଟ ହୁଏ ନାହିଁ, ନିଷ୍ଠାରସହ ଶିବରାତ୍ରି ଉପବାସ କଲେ ତା' ଠାରୁ ଅଧିକ ସନ୍ତୁଷ୍ଟ ହୁଏ । ଓଡ଼ିଶାର ଲୋକଧାର୍ମିକ ପରମ୍ପରାରେ "ଜାଗର" ଏକ ଗୁରୁତ୍ୱପୂର୍ଣ୍ଣ ବ୍ରତ । ଜାଗରର ତତ୍ତ୍ୱମୂଳକ ବିଶ୍ଲେଷଣକଲେ ଜଣାଯାଏ ଯେ ଜାଗରର ଅର୍ଥ — ଜାଗ୍ରତ ରହିବା, ଉପନିଷଦୀୟ ଚିନ୍ତାଧାରାରେ "ଜାଗରଣ" ଚେତନାର ଉନ୍ନତିକୁ ସୂଚାଏ।'ମଣ୍ଡୂକ୍ୟ ଉପନିଷଦ'ମନୁଷ୍ୟର ଚେତନାକୁ ଚାରି ଅବସ୍ଥାରେ ବିଭକ୍ତ କରାଯାଇଛି — ଜାଗ୍ରତ,ସ୍ୱପ୍ନ,ସୁଷୁପ୍ତି,ତୁରୀୟ। ଜାଗର ରାତ୍ରିରେ ଭକ୍ତ ଜାଗ୍ରତ ଅବସ୍ଥାକୁ ଅତିକ୍ରମ କରି ଧ୍ୟାନ ଓ ମନ୍ତ୍ରଜପ ମାଧ୍ୟମରେ ତୁରୀୟ ଚେତନାର ଅନୁଭୂତି ପାଇଁ ପ୍ରୟାସ କରେ।ଏହି ତୁରୀୟ ଅବସ୍ଥାହିଁ ଅମୃତତ୍ୱର ସୂଚନାଦିଏ ।ବିଶେଷତଃ ମହାଶିବରାତ୍ରି ଅବସରରେ ଭକ୍ତମାନେ ରାତିସାରା ଜାଗ୍ରତ ରହି ଭଗବାନ ଶିବଙ୍କ ଉପାସନା କରନ୍ତି। ଏହି ଜାଗର ବ୍ରତ କେବଳ ଆଚାରାନୁଷ୍ଠାନ ନୁହେଁ, ବରଂ ଏହାର ଆଧାର ଗଭୀର ଦାର୍ଶନିକ ଓ ବେଦାନ୍ତିକ ଚିନ୍ତାଧାରାରେ ନିହିତ ।ଜାଗରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠର ମହତ୍ତ୍ୱ ଅନିର୍ବାର୍ଯ୍ୟ । ମହାମୃତ୍ୟୁଞ୍ଜୟ ମନ୍ତ୍ରଋକବେଦର ଏକ ପ୍ରସିଦ୍ଧ ମନ୍ତ୍ର, ଶିବତତ୍ତ୍ୱର ଉପାସନାର ମୂଳ ମାର୍ଗ ଭାବେ ପରିଚିତ ।ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଗୂଢ଼ ସମ୍ପର୍କକୁ ଦାର୍ଶନିକ ଓ ଶାସ୍ତ୍ରୀୟ ଆଧାରରେ ବିଶ୍ଲେଷଣ କରାଯାଇଛି । ଏହି ମନ୍ତ୍ରର ମୂଳ ଅର୍ଥ — "ମୃତ୍ୟୁରୁ ମୁକ୍ତି ଓ ଅମୃତତ୍ୱର ଅନୁଭୂତି"। ବେଦୀୟ ଦୃଷ୍ଟିରେ ମୃତ୍ୟୁ କେବଳ ଦେହନାଶ ନୁହେଁ; ଏହା ସଂସାର ଚକ୍ର (ଜନ୍ମ–ମୃତ୍ୟୁ) ଓ ଅବିଦ୍ୟାର ପ୍ରତୀକ ।ମହା ମୃତ୍ୟୁଞ୍ଜୟ ମନ୍ତ୍ର ହେଉଛି-

ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଧନମ୍।
ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍

ଓଁ – ପରମ ଦିବ୍ୟ ଧ୍ୱନି,ତ୍ର୍ୟମ୍ବକଂ – ତିନିଟି ନୟନ ଥିବା ଭଗବାନ ଶିବତିନୋଟି କାଳର ପ୍ରତୀକ (ଅତୀତ–ବର୍ତ୍ତମାନ–ଭବିଷ୍ୟତ) ଓ) ଯଜାମହେ – ଆମେ ଉପାସନା କରୁଛୁ,ସୁଗନ୍ଧିଂ – ଦିବ୍ୟ ସୁଗନ୍ଧ ସମ ଖ୍ୟାତିଶାଳୀ,ପୁଷ୍ଟିବର୍ଧନମ୍ – ଜୀବନ ଶକ୍ତି ବଢ଼ାଇଥିବା,ଉର୍ବାରୁକମିବ – ପକ୍ୱ କାକୁଡ଼ି ଫଳ ପରି, ବନ୍ଧନାନ୍ – ବନ୍ଧନରୁ,ମୃତ୍ୟୋଃ – ମୃତ୍ୟୁରୁ,ମୁକ୍ଷୀୟ – ମୁକ୍ତ କର,ମା ଅମୃତାତ୍ – ଅମୃତତ୍ୱରୁ ବଞ୍ଚିତ ନ କର। ଏହାରସାରାଂଶ ଭାବାର୍ଥ ହେଉଛି

ଆମେ ତ୍ରିନୟନଧାରୀ ଭଗବାନ ଶିବଙ୍କୁ ଉପାସନା କରୁଛୁ, ଯିଏ ସୁଗନ୍ଧ ସମ ଦିବ୍ୟ ଏବଂ ଜୀବନଶକ୍ତି ବଢ଼ାଇଥାନ୍ତି। ଯେପରି ପକ୍ୱ କାକୁଡ଼ି ଲତାରୁ ସହଜରେ ବିଚ୍ଛିନ୍ନ ହୋଇଯାଏ, ସେପରି ଆମକୁ ମୃତ୍ୟୁର ବନ୍ଧନରୁ ମୁକ୍ତ କରି ଅମୃତତ୍ୱରେ ସ୍ଥିର କରନ୍ତୁ ।ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି। ଏହି ମନ୍ତ୍ର ମହାଦେବଙ୍କୁ ଉଦ୍ଦେଶ୍ୟ କରି ଉଚ୍ଚାରିତହୋଇ ଥାଏଏହାକୁ "ରୁଦ୍ର ମନ୍ତ୍ର" ବୋଲି ମଧ୍ୟ କୁହାଯାଏ। ବିଶ୍ୱାସ କରାଯାଏ ଯେ ଏହା ଆୟୁ, ଆରୋଗ୍ୟ ଓ ମାନସିକ ଶାନ୍ତି ଦେଇଥାଏ ।ରୋଗ, ଭୟ ଓ ଆପଦ ସମୟରେ ଏହି ମନ୍ତ୍ର ଜପ କରାଯାଏ ।ଏହି ମନ୍ତ୍ର ଜୀବାତ୍ମାକୁ ପରମାତ୍ମା ସହ ଏକାତ୍ମତାର ଦିଗରେ ନେଇଯାଏ ।ତେଣୁ ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ୱ ରହିଛି

ଶୈବ ପରମ୍ପରାରେ ଜାଗର ଏକ ସାମୁଦାୟିକ ଆଧ୍ୟାତ୍ମିକ ସାଧନା। ରାତ୍ରିର ନିରବତା ଓ ଦୀପଜ୍ୱଳନ ମାନସିକ ଏକାଗ୍ରତାକୁ ବୃଦ୍ଧି କରେ। ଏହି ପରିବେଶରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ମାନେ — ବାହ୍ୟ ଜାଗରଣ ଓ ଆନ୍ତରିକ ଜାଗରଣର ସମନ୍ୱୟ ।ଜାଗର ହେଉଛି, ଆଚାରିକ ଜାଗରଣ ।ମହାମୃତ୍ୟୁଞ୍ଜୟ ମନ୍ତ୍ର ହେଉଛି ଆତ୍ମିକ ମୁକ୍ତିର ମାର୍ଗ। ଉଭୟର ଲକ୍ଷ୍ୟ — ଅଜ୍ଞାନ ଉପରେ ଜୟ ଓ ଚେତନାର ପରିପୂର୍ଣ୍ଣତାଲାଭ କରିବା ।ଏହିପରି ଜାଗର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏକ ଅଭିନ୍ନ ଆଧ୍ୟାତ୍ମିକ ପରମ୍ପରାର ଦୁଇଟି ପାର୍ଶ୍ୱ, ଯାହା ମନୁଷ୍ୟଙ୍କୁ ମୃତ୍ୟୁଭୟରୁ ମୁକ୍ତ କରି ଅମୃତତ୍ୱର ଦିଗରେ ଆଗେଇ ନେଇଯାଏ ।ଜାଗର ସମୟରେ ଭକ୍ତମାନେ ଶିବଲିଙ୍ଗରେ ଅଭିଷେକ, ବିଲ୍ୱପତ୍ର ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ ଓ ମନ୍ତ୍ରଜପ କରନ୍ତି। ଏହି ସମସ୍ତ କ୍ରିୟା ମନକୁ ଏକାଗ୍ର କରି ଆନ୍ତରିକ ଶୁଦ୍ଧିକୁ ପ୍ରୋତ୍ସାହନ ଦେଇଥାଏ।

ବସନ୍ତର ପହିଲି ଅଧିବେଶ ଜରତୀ ଧରଣୀ ବୁକୁରେ ତୋଳୁଥାଏ ନବ ନବ ସ୍ପନ୍ଦନ । ଶଙ୍ଖ, ଧୂପ ଦୀପ, ଓ ନୈବେଦ୍ୟର ଗନ୍ଧରେ ପବିତ୍ର ହୋଇ ଉଠୁଥାଏ ଶିବାଳୟ । ଏହି ପୂଣ୍ୟତିଥିରେ ମହାଦେବଙ୍କର ପୂଜାଅର୍ଚ୍ଚନାରେ ଆଡ଼ମ୍ବରର ମଧୁର ମୂର୍ଚ୍ଛନା ସୃଷ୍ଟି କରେ ପୁଲକର ବନ୍ୟା । ତେଣୁ ଚତୁଃବର୍ଗ ଫଳପ୍ରାପ୍ତି ନିମିତ୍ତ ମର୍ତ୍ତ୍ୟବାସୀ ଉପବାସ ରହି ରାତ୍ରିଜାଗରଣ ପୂର୍ବକ ଶିବଆରାଧନାରେ ମନୋନିବେଶ କରିଥାନ୍ତି । ଏହି ବ୍ରତ ହିଁ କେବଳ ମୁକ୍ତିପ୍ରଦାନ କରାଇଥାଏ । ସମାଧି ଯୋଗରେ ଶିବ ଓ ଜୀବ ଏକତ୍ର ରହୁଥିବାରୁ ଏହି ଅମାବାସ୍ୟାର ମାହାତ୍ମ୍ୟ ରହିଛି । ଚତୁର୍ଦ୍ଦଶୀର ପର ଓ ଅମାବାସ୍ୟାର ମଧ୍ୟବର୍ତ୍ତୀ ସମୟ ହିଁ ଏକମାତ୍ର ପୂଣ୍ୟସମୟ ଯେଉଁ ସମୟରେ ମହାଦେବ ସମୁଦ୍ରମନ୍ଥନରୁ ସମସ୍ତ ବିଷ ଆକଣ୍ଠପାନକରି ଜଗତର କଲ୍ୟାଣ ପାଇଁ ନୀଳକଣ୍ଠ ନାମକୁ ବହନ କରିଥିଲେ । ତେଣୁ ସେହି ସ୍ମୃତିକୁ ପାଥେୟ କରି ଆଜି ବି ଭକ୍ତ ସଂସାରରେ ମନ୍ଥିତ ଦୁଃଖ ଶୋକର ବିଷଜ୍ୱାଳାରୁ ମୁକ୍ତି ନିମନ୍ତେ ଶିବ ଙ୍କର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତି । ଏହି ମନ୍ତ୍ରର ଉଚାରଣ ପୂର୍ବକ ବ୍ରତ ପାଳନ କରି ନିଜର ତଥା ସମଗ୍ର ଜଗତର କଲ୍ୟାଣ ପାଇଁ ଭକ୍ତମାନେ ପ୍ରାର୍ଥନା କରନ୍ତି । ଏହି ମନ୍ତ୍ର ଦ୍ୱାରା ଶିବଙ୍କ କୃପା, ଆଶୀର୍ବାଦ ଏବଂ ଆତ୍ମିକ ଉନ୍ନତି ପ୍ରାପ୍ତ ହୋଇଥାଏ । ଏହି ମନ୍ତ୍ର ଦ୍ୱାରା ମନର ଶୁଦ୍ଧି ସହ ଧ୍ୟାନ, ଧୈର୍ଯ୍ୟ ଏବଂ ଧର୍ମ ର ମାର୍ଗରେ ଚାଲିବାର କ୍ଷମତା ମିଳେ । ବିଦଗ୍ଧ ସଂସ୍କୃତି ଓ ଲୋକସଂସ୍କୃତିର ସମନ୍ୱୟ ଏହି ମହାଶିବରାତ୍ରି ବା ଜାଗର ବ୍ରତର ଆଧାର ଯାହାର ସକରାତ୍ମକ ଭାବ ଚେତନା ପଲ୍ଲୀ ଠାରୁ ପୁର ପର୍ଯ୍ୟନ୍ତ ସବୁଠାରେ ଅନୁଭବ କରିହୁଏ । ଯେବେ ଏହି ଶିବରାତ୍ରି ବ୍ରତର ପୂର୍ଣ୍ୟଫଳ ପାଇବାକୁ ଇଚ୍ଛା ତେବେ ଗୋଟିଏ ରାତି ନୁହେଁ ସାରା ଜୀବନକୁ ଶିବରାତ୍ରି ବୋଲି ମନେକରି ସୂକ୍ଷ୍ମ ଭାବରେ ସଦା ଜାଗ୍ରତ ରହି ଆତ୍ମ ସାଧନ କର୍ମରେ ନିଯୁକ୍ତି ରହିବା ଉଚିତ୍ । ନିଜେ ବ୍ରହ୍ମମୟ ଓ ସାରା ବିଶ୍ୱ ବ୍ରହ୍ମମୟବୋଲି ଚିନ୍ତା କଲେ ବ୍ୟକ୍ତିଠାରେ ସ୍ୱାର୍ଥଭାବନା ଦୂର ହେବ । ଜୀବନର ମାର୍ଗ ଉର୍ଦ୍ଧ୍ୱମୁଖୀ ହେବ । ଦୁନିଆର ବ୍ୟାଧି ଜରାମୃତ୍ୟୁର ଜ୍ୱାଳମୟ ଦଂଶନରେ ବିକଟ ବିଭୀଷିକା ମଣିଷର ଅନ୍ତରାତ୍ମାକୁ ବେଦନା ଦଗ୍ଧ ଅବଶ ଓ ଅବସନ୍ନ କଲାବେଳେ ପ୍ରାଣକୁ ସୁଶୀତଳ କରିବା ପାଇଁ ଅମୃତତ୍ତ୍ୱରେ ଅଟଳ ବିଶ୍ୱାସ ପ୍ରତିଷ୍ଠା କରି ବିଶ୍ୱଭୂମାର ଜୟଗାନ କରିବା ହିଁ ଏହି ମହାଶିବରାତ୍ରି ର ଉଦ୍ଦେଶ୍ୟ । ମଣିଷ ମନକୁ ଆୟତ୍ତ କରି ଆଭ୍ୟନ୍ତରକୁ ଦୃଷ୍ଟିନିକ୍ଷେପ କଲେ ଦିବ୍ୟ ଜ୍ଞାନର ପରିଚୟ ପାଇପାରିବ । ମଣିଷର ଏହି ଆଧ୍ୟାତ୍ମିକ ପରାଭୌତିକ ଉତ୍ତରଣ ହିଁ ଶିବପୂଜା, ଜାଗରବ୍ରତଓ ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହତ୍ୱ ।

**ବରିଷ୍ଠଗବେଷିକା, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର**
**ଭୁବନେଶ୍ୱର-୭୫୧୦୦୬**
**ମୋ - ୭୭୩୫୬୧୦୬୧୯**



# ରାଜ୍ୟ ଖବର





## ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ

### ୩ମାସ ଭିତରେ ଗଣତି ମଣତି ସଂପୂର୍ଣ୍ଣ କର

କଟକ: ଶ୍ରୀଜଗନ୍ନାଥ ମନ୍ଦିର ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କରି ଜଷ୍ଟିସ୍ ରଘୁବୀର ଦାଶ କମିସନ୍ ଦାଖଲ କରିଥିବା ରିପୋର୍ଟ ଆଗାମୀ ଅଧିବେଶନରେ ବିଧାନସଭାରେ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କମିସନ୍ ଅଫ୍ ଇନ୍‌କ୍ୱାରି ଆଇନ ୧୯୫୨ରେ ଥିବା ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କମିସନ୍ ରିପୋର୍ଟ ଦାଖଲ କରିଥିବା ବେଳେ ଏହା ବିଧାନସଭାରେ ଉପସ୍ଥାପନ କରାଯିବା କଥା। ଏହି ପ୍ରସଙ୍ଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଗଣତି ମଣତି ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନବଗଠିତ କମିଟିର ତତ୍ତ୍ୱାବଧାନରେ ଏଏସ୍‌ଆଇ ଦ୍ୱାରା ଉଭୟ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି। ତେଣୁ ସରକାର ନିଷ୍କ୍ରିୟ ହୋଇ ବସିବା କଥା ନୁହେଁ। ନବଗଠିତ କମିଟି ଆନୁକୂଲ୍ୟରେ ଗଣତି ମଣତି ବେଳେ ୧୯୭୮ର କମିଟି ରିପୋର୍ଟ ସହିତ ମେଳ କରାଯିବ। ଏହି ପ୍ରସଙ୍ଗରେ ରାଜ୍ୟ ସରକାର ତତ୍ପରତା ଦେଖାଇବାକୁ ଆଶା କରାଯାଉଛି ବୋଲି ହାଇକୋର୍ଟ କହିଛନ୍ତି। ମାମଲାର ତିନି ମାସ ପରେ ଶୁଣାଣି ସମୟରେ ସରକାର ଏହି ପ୍ରସଙ୍ଗରେ ସାନି ସ୍ଥିତି ନେଇ ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ମୁତାବକ ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ନେଇ ଚର୍ଚ୍ଚା ଜୋର ଧରିଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସରକାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ରଘୁବୀର ଦାଶଙ୍କୁ କମିସନ୍‌ଙ୍କ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ। ତଦନ୍ତ ପରେ କମିସନ୍ ୨୦୧୮ ନଭେମ୍ବର ୨୯ରେ ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ରହସ୍ୟ ରହିଛି। କିନ୍ତୁ ସରକାର ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରୁନାହାନ୍ତି ବୋଲି ଦର୍ଶାଇ ଆବେଦନକାରୀ ମାମଲା ଦାୟର କରିଥିଲେ। ଏଥିସହିତ ମାମଲା ବିଚାରାଧୀନ ଥିବା ବେଳେ ଭିତର ରତ୍ନଭଣ୍ଡାର ଖୋଲା ଯାଇଥିଲା। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ନିର୍ଦ୍ଧାରିତ ସମୟ ସୀମା ଭିତରେ ଗଣତି ମଣତି ସଂପୂର୍ଣ୍ଣ କରାଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନ କାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ସମ୍ବଲପୁରରେ ହୀରାକୁଦ ଇଣ୍ଟରନ୍ୟାସନାଲ୍ ହାଫ୍ ମାରାଥନ୍



ସମ୍ବଲପୁର: ରବିବାର ହୀରାକୁଦର ସୁଉଚ୍ଚ ମାଟିବନ୍ଧ ଉପରେ ଆୟୋଜିତ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍‌ରେ ବିଦେଶର ୪୦ ନାଗରିକଙ୍କ ସହିତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୦ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୨୧ କିମି ଦୌଡ଼ ମହିଳା ବର୍ଗରେ ସୋନିକା, ଭାରତୀ ଭାରତୀ, ଶାମ୍ପା ଗେନ୍, ସାରୋନ ମୋଲା ୱିଗ୍‌ଜଓ୍ୱ, କେ.ଏମ୍. ଜ୍ୟୋତି, ପୁରୁଷ ବର୍ଗରେ ପଞ୍ଚାନନ ବେରା, ଗଙ୍ଗା ଜର୍ଜ, ଶୈଳେଶ କୁଶୱାହା, ସୁନୀଲ ଜିନାଭାଇ ଜୋଲିଆ, ଶୁଭମ ସିନ୍ଧୁ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୦ କିମି ଦୌଡ଼ ମହିଳା ବର୍ଗରେ ଅଞ୍ଜୁ ଅଞ୍ଜୁ, ପୂଜା ବର୍ମା, ମିତାଲି ଦୀପକ ଭୋୟାର, ରୁବି କଶ୍ୟପ, ନେହା ପଟେଲ ଏବଂ ପୁରୁଷ ବର୍ଗରେ ଗୌରବ କାସନା, ମୋନୁ କୁମାର, ଲୋକେଶ ଚୌଧୁରୀ, ରବି ଚୌଧୁରୀ, ଅଙ୍କିତ ଅଙ୍କିତ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନ ହାସଲ କରିଥିଲେ। ୫ କିମି ଦୌଡ଼ ମହିଳା ବର୍ଗରେ ଭାରତୀ ନୈନ, ରାଜେଶ୍ୱରୀ ସିଂହ, ଭଗବତୀ ଦେଓରା, ସୁସ୍ମିତା ଟିଗ୍‌ଗା ଓ ନିଶା କୁମାରୀ ସ' ଏବଂ ପୁରୁଷ ବର୍ଗରେ ଚନ୍ଦରପାଲ ମୌୟା, ପ୍ରକାଶ କୁମାର, ସଉଦ ହସନ, ଅମନ କୁମାର, ବାବୁଲୁ ଟୁଡୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ମାରାଥନ୍‌କୁ ଉଦଘାଟନ କରି ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଇଥିଓପିଆ, ନାଇଜେରିଆ ଭଳି ଦେଶରୁ ଆନ୍ତର୍ଜାତିକ ଖେଳାଳିମାନେ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ'ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି। ଯେତେବେଳେ ଜଣେ ଯୁବକ ଦୌଡ଼େ, ସେତେବେଳେ ପୂରା ସମାଜ ଦୌଡ଼େ ଏବଂ ଦେଶ ପ୍ରଗତି ପଥରେ ଦୌଡ଼େ। ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରଖିବା ପାଇଁ ଦୌଡ଼ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଓ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ। ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ଆମର ସମୃଦ୍ଧ ସମ୍ବଲପୁରୀ ବସ୍ତ୍ର, କଳା ଓ ନିଆରା ଆତିଥ୍ୟକୁ ଅନୁଭବ କରିବାର ସୁଯୋଗ ପାଇବେ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜଭୁତ କରିବ। ଉଲ୍ଲେଖନୀୟ ଯେ ଏହି ମାରାଥନ୍‌ରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ, ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଅନୁଗୁଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମ୍‌ସିଏଲ୍‌ର ସିଏମ୍‌ଡି ଉଦୟ ଅନନ୍ତ କାଓଲେଙ୍କ ସମେତ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ମଦ୍ୟପ ପ୍ରଧାନ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ

### ଶିକ୍ଷକ କର୍ମଶାଳା ପାଲଟିଲା ରଣାଙ୍ଗନ



ପରଜଙ୍ଗ : କୁମୁସି ଉଚ୍ଚବିଦ୍ୟାଳୟରେ ଚାଲିଥିଲା ପାଞ୍ଚଦିନିଆ ଶିକ୍ଷକ କର୍ମଶାଳାରେ ଭାଗ ନେଇଥିଲେ ୫୦ ରୁ ଉର୍ଦ୍ଧ ଶିକ୍ଷକ ଓ ଶିକ୍ଷୟିତ୍ରୀ । କିନ୍ତୁ ହଠାତ କର୍ମଶାଳା ପାଲଟିଲା ରଣାଙ୍ଗନ । ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ଉପସ୍ଥିତ ଶିକ୍ଷକଙ୍କୁ ଲୁହା ହତା ଧରି ମାରିବାକୁ ଉଠିଲେ ମଦ୍ୟପ ଶିକ୍ଷକ । ଏଭଳି ଘଟଣା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ କୁମୁସି ଉଚ୍ଚ ବିଦ୍ୟାଳୟରେ । କୁମୁସି ଉଚ୍ଚ ବିଦ୍ୟାଳୟରେ ଆଜିକୁ ପାଞ୍ଚଦିନ ଧରି ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ କର୍ମଶାଳା ଆୟୋଜିତ ହେଉଥିଲା । କିନ୍ତୁ ଏହି ସମୟରେ କୁମୁସି ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଶିକ୍ଷକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାରିବାକୁ ଉଦ୍ୟମ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଦ୍ୟପ ଶିକ୍ଷକ ଜଣକ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ କିଛି ସମୟ ପାଇଁ କର୍ମଶାଳା ପରିସରରେ ଆତଙ୍କ ସୃଷ୍ଟି କରିଥିଲେ । ଏପରିକି ହାତରେ ଲୁହା ହତା ଧରି ଆକ୍ରମଣ ଉଦ୍ୟମ କରିବା ଭିଡ଼ିଓ ସାମ୍ନାକୁ ଆସିଛି । ଏହାକୁ ନେଇ ଉପସ୍ଥିତ ଶିକ୍ଷକ ମାନେ ସାଆନ୍ଦା ଫାଣ୍ଡିରେ ଜଣାଇବା ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ବିଦ୍ୟାଳୟ ଠାରୁ ଅଳ୍ପ ଦୂରରେ ଫାଣ୍ଡି ହୋଇଥିଲେ ସୁଧା ବିଳମ୍ବରେ ଘଟଣା ସ୍ଥଳରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କୁ କାବୁ କରି ଫାଣ୍ଡିକୁ ନେଇଥିଲେ । ତେବେ ଶିକ୍ଷା ବିଭାଗ ତରଫରୁ ଆଉ ଫାଣ୍ଡିକୁ ନଯାଇ ସିଆରସିସି ଅଜିତି ଦାସ ଘଟଣା ସମ୍ପର୍କରେ ପରଜଙ୍ଗ ଥାନାରେ ଯାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ଏ ନେଇ ମଦ୍ୟପ ଶିକ୍ଷକଙ୍କ ବିରୁଦ୍ଧରେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି । ସେପଟେ କାହିଁକି ଶିକ୍ଷା ବିଭାଗ ତରଫରୁ ଫାଣ୍ଡିକୁ ଆସିଲେ ନାହିଁ ତେଣୁ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଛାଡ଼ିଦେଲି ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି । ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ ଫାଣ୍ଡିରୁ କାହିଁକି ଛାଡିଦେଲେ ସେନେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଫାଣ୍ଡିରୁ ଯିବା ପରେ ପ୍ରଧାନ ଶିକ୍ଷକ ଜଣକ ଫେରାର ହୋଇଯାଇଛନ୍ତି ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଅଭିଯୋଗ ଆଣିଲେ କାଉସିଲର



**ବିଜେପିର ଦଲାଲଗିରି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି କାଉସିଲର**

ଗଞ୍ଜାମ : ବିଜେପି ର ପ୍ରଚାର ପ୍ରସାର ପାଇଁ କୋଦଳା ଏନଏସି କରୁଛି ଟଙ୍କା ଖର୍ଚ୍ଚ । ମାଧ୍ୟମ ସାଜିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ । ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଦୁର୍ନୀତି ଥମିବାର ନା ନେଉନଥିବା ବେଳେ ଏବେ ଆଉ ଗୋଟେ ସାଙ୍ଘାତିକ ଭିଡ଼ିଓ ଓ ଫୋଟ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଗତ ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୋଦଳା ଘଇଉ ସ୍ଥାନୀୟ କ୍ୟାଲ୍ୟାଣୀ ମଣ୍ଡପ ଠାରେ କିଛି ସ୍କୁଲର ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ କିଛି ହିତାଧିକାରୀଙ୍କୁ ଭର୍ତ୍ତା ପ୍ରଦାନ କରାଗଲା ।କିନ୍ତୁ ଏହି କାର୍ଯ୍ୟକ୍ରମ ବିଷୟରେ କିଛି କାଉନସିଲର କୁ ଅବଗତ କରାଯାଇନଥିଲା। କେବଳ କିଛି ସ୍କୁଲ ପିଲାଙ୍କୁ ପୁରସ୍କୃତ କରିବା ପାଇଁ ଚିଠି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଷ୍ଟେଜ ଉପରେ ବିଜେପି ର ମଣ୍ଡଳ ସଭାପତି ସନ୍ତୋଷ କୁମାର ପଲେଇ ଉପସ୍ଥିତ ରହି ହିତାଧିକାରୀଙ୍କୁ ଭର୍ତ୍ତା ବଣ୍ଟନ କରିଥିଲେ। ଏତେ ବଡ଼ କାର୍ଯ୍ୟକ୍ରମ କରିବା ପାଇଁ ସରକାରଙ୍କ କୌଣସି ନିର୍ଦେଶ ଆସିନଥିବା ବେଳେ କାଉସିଲ ବଡି ବୈଠକ ମଧ୍ୟ ହୋଇନଥିଲା । କେମିତି ଏତେ ବଡ଼ କାର୍ଯ୍ୟକ୍ରମ କଲେ ବୋଲି ଆମ ପ୍ରତିନିଧି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ କହିବାରୁ ଆମେ କଲୁ । ଏବେ ପ୍ରଶ୍ନ ଉଠୁଛି ଅଧ୍ୟକ୍ଷଙ୍କ କଣ ଏଇଟା ପୈତୃକ ସମ୍ପତି କି ? ନିଜ ଦଳର ପ୍ରଚାର ପ୍ରସାର ପାଇଁ କାହିଁକି ହୀନ ରାଜନୀତି କରୁଛନ୍ତି ତତ୍ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀ କାହିଁକି ବିଜେପି ର ଦଲାଲ ଗିରି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି କାଉସିଲର ଭଗବାନ ପାଢ଼ୀ ।ଏହାକୁ ନେଇ ପିଟିସନ ଦାଖଲ କରିବେ ବୋଲି ମଧ୍ୟ କହିଛନ୍ତି । ସବୁବେଳେ ଦୁର୍ନୀତି ର ଚର୍ଚ୍ଚାରେ ରହି ଆସୁଥିବା କୋଦଳା ଏନଏସି ପ୍ରତି କାହିଁକି ଜିଲ୍ଲା ପ୍ରଶାସନ ନିରବ ?କାହିଁକି ଭିଜିଲାନ୍ସ ନିରବ ? କାହିଁକି ରାଜ୍ୟ ସରକାର ନିରବ ? ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଦେଖିବାକୁ ରହିଲା କି ପଦକ୍ଷେପ ଗ୍ରହଣ କରାଯାଉଛି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପରେ ।



# ମଧୁଚନ୍ଦ୍ରିକାରେ ଚାଲିଛି ନିମ୍ନମାନର ସଡ଼କ ନିର୍ମାଣ କାର୍ଯ୍ୟ

**ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାକୁ ଇଂଗିତ କରୁଛି**

କଙ୍କଡ଼ାହାଡ଼ : ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ କନ୍ଧରା ଠାରୁ କାଲ ବୁଦ୍ଧିଆ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ ଉନ୍ନୟନ ରାସ୍ତା ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ଅର୍ଥ ବରାଦ କରାଯାଇଛି ସୂଚନା ଫଳକ ନଥିବା ବେଳେ ନିମ୍ନମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସେହିପରି ଏହି ରାସ୍ତାରେ ଏକାଧିକ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି । କୌଣସି ପୋଲ ସଠିକ୍ ଭାବରେ କାମ ନହୋଇ ନିମ୍ନ ମାନର କାମ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। କଂକ୍ରିଟରେ ପାଖରେ ଥିବା ନାଳର ନିମ୍ନ ମାନର ବାଲି ଏବଂ କମ୍ ପରିମାଣର ସିମେଣ୍ଟ ମିଶାଇ ବ୍ୟବହାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ନିମ୍ନ ମାନର କାମ ଯୋଗୁଁ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନାଳ ଉପରେ ଯେଉଁ ବିଜୁ ସେତୁ ନିର୍ମାଣ ହେଇଛି ତାହା ଅଧିକାଂଶ ଜାଗାରେ ଫାଟ ସୃଷ୍ଟି ହେଲାଣି ତେଣୁ ଗ୍ରାମବାସୀ କାମ ବନ୍ଦ କରିବା ପାଇଁ ନାରା ଦେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତି ଏହି ନିମ୍ନ ମାନର କାମ ଚାଲୁଛି। ଏହା ଏହି ଦୁଇ ଜଣଙ୍କର ମଧୁ ଚନ୍ଦ୍ରିକା କୁ ଇଂଗିତ କରୁଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ନିରଞ୍ଜନ ବେହେରାଙ୍କୁ ବାରମ୍ବାର ଫୋନ ଯୋଗେ ପଚାରିବା ପାଇଁ ଯୋଗାଯୋଗ କରିଥିଲୁ କିନ୍ତୁ ଫୋନ ଉଠାଇ ନଥିଲେ। ହୋଇଥିବା ସେତୁ ଓ ବର୍ତମାନ ଚାଲୁଥିବା ରାସ୍ତାର ଉଚ୍ଚ ସ୍ତରୀୟ ତଦନ୍ତ କରିବାପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ବାର୍ଦ୍ଧକ୍ୟ ଭତ୍ତା ପାଇଁ ହିନସ୍ତା ହେଉଛନ୍ତି ୭୦ ବର୍ଷିୟା ବୃଦ୍ଧା

**୧୦୦୦ ଟଙ୍କା ଭତ୍ତା ପାଇଁ ଚାଲିବାକୁ ପଡୁଛି ଦେଢ଼ କିଲୋମିଟର**



ବାରିପଦା : ଅଣ୍ଟାରେ ଆଉ ବଳ ନାହିଁ । ଆଖିକୁ ଭଲ ଭାବେ ଦିଶୁନି କି ଚାଲିବାକୁ ଗୋଡ଼ରେ ବଳ ନାହିଁ । ଏ ବୟସରେ ବିତାଉଛନ୍ତି ଅତ୍ୟନ୍ତ ଦୟନୀୟ ଜୀବନ । ବାଡ଼ି ଖଣ୍ଡେ ହିଁ ତାଙ୍କର ସାହା ଭରସା । ରହିବାକୁ ଘର ନାହିଁ । ଜଙ୍ଗଲ ରାସ୍ତା କଡ଼ରେ ପାଲ ଟାଣି ଏକା ରହୁଛନ୍ତି ବୁଢ଼ୀ ମାଉସୀ ଜଣକ । କେତେବେଳେ ସାପ ବେଙ୍ଗ ଭୟ ତ କେତେବେଳେ ଜଙ୍ଗଲୀ ଜୀବଜନ୍ତୁଙ୍କ ଭୟ । କିନ୍ତୁ କରିବେ ବା କଣ ନିଜର ବୋଲି କେହି ନାହିଁ, ତେଣୁ ଭାଗ୍ୟକୁ ଆଦରି ରାସ୍ତା କଡ଼ରେ ରହୁଛନ୍ତି । ଦୁଃଖର କଥା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଜଙ୍ଗଲିଆ ରାସ୍ତାରେ ଚାଲିଚାଲି ଯିବାକୁ ପଡୁଛି ଦେଢ଼ କିଲୋମିଟର । ଏତେ ବାଟ ଯିବା ପରେ ମିଳୁଛି ମାତ୍ର ହଜାରେ ଟଙ୍କା, ଯାହା ସମୁଦ୍ରକୁ ଶଙ୍ଖେ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ହିନସ୍ତା ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକର ଲକ୍ଷ୍ମୀପୋଷିର ରଇବାରୀ ବିନ୍ଧାଣୀ ରଇବାରୀଙ୍କ ବୟସ ୭୦ ପାର୍ ହେଲାଣି । ସ୍ୱାମୀ ଚୁନୁ ବିନ୍ଧାଣୀଙ୍କ ମୃତ୍ୟୁ ପରେ ସେ ଏକୁଟିଆ ହୋଇପଡ଼ିଛନ୍ତି । ସାହା ଭରସା କେହି ନାହିଁ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ଘରଠାରୁ ଦେଢ଼ କିଲୋମିଟର ଦୂରରେ କୋଚିଳାଘାଟି ପଞ୍ଚାୟତ ଅଫିସକୁ ତାଙ୍କୁ ଯିବାକୁ ପଡୁଛି । ଭତ୍ତା ବାବଦରେ ମିଳୁଛି ମାତ୍ର ହଜାରେ ଟଙ୍କା । ଏଥିସହ ମାସକୁ ମିଳୁଛି ୫ କେଜି ଚାଉଳ । ଆଜିର ମହଙ୍ଗା ଯୁଗରେ ଏତିକିରେ ଚଳିବା ମୁସ୍କିଲ । ଏଥିପାଇଁ ବୟସର ଅପରାହ୍ନରେ ଜଙ୍ଗଲରୁ ରଇବାରୀଙ୍କୁ ଜାଳେଣି କାଠ ସଂଗ୍ରହ କରି ବିକିବାକୁ ପଡୁଛି । ରଇବାରୀଙ୍କ ମୁଣ୍ଡ ଉପରେ ଛପର ନାହିଁ । ନିଜର ଜମି ନାହିଁ କି ଘର ନାହିଁ । ରାସ୍ତା କଡ଼ରେ ପଲିଥିନ ଟାଣି ମୁଣ୍ଡ ଗୁଞ୍ଜିଛନ୍ତି । ନିଜର ଦୁର୍ଦ୍ଦିନ, ଅଭାବ ଓ ଅସୁବିଧା ସଂପର୍କରେ ବହୁ ବାର ସରପଞ୍ଚ ଓ ପ୍ରଶାସନକୁ ଜଣାଇଛନ୍ତି ରଇବାରୀ ବିନ୍ଧାଣୀ । ହେଲେ ତାଙ୍କ କଥା କେହି ଶୁଣୁନାହାନ୍ତି । ଏପଟେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି, ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଅଯାଉଛି । ରଇବାରୀଙ୍କୁ ୪ ଡିସିମିଲ ଜମି ସହ ଘର ଯୋଗାଇ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଅଯାଇଥିବା ସେ କହିଛନ୍ତି । ପରିଣତ ବୟସରେ ରଇବାରୀ ବିନ୍ଧାଣୀଙ୍କ ସାହା ଭରସା କେହି ନାହିଁ । ନିଜେ ଖଟିଲେ ପେଟକୁ ଦି ମୁଠା ଦାନା ଯାଉଛି । ଏମିତି ପରିସ୍ଥିତିରେ ତାଙ୍କୁ ଯଦି ସରକାରୀ ସହାୟତା ମିଳନ୍ତା ତେବେ ତାଙ୍କ ଦୁଃଖ ଅଳ୍ପ ବହୁତ ଦୂର ହେବ ନିଶ୍ଚୟ ।

# ରାୟଗଡ଼ାରେ ବିଭିନ୍ନ ସ୍ଥାନରେ ପୁଣି ଲାଗିଲା ମାଓ ପୋଷ୍ଟର

**ଆଦିତ୍ୟ ବିର୍ଲା କମ୍ପାନୀ ଅଞ୍ଚଳ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ**



ରାୟଗଡା : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାର ଗୁଡା ଛକ ନିକଟରେ ମାଓ ପୋଷ୍ଟର ଦେଖାଯାଇଛି । ଏହି ପୋଷ୍ଟରଟି ସସିପିଆଇ ମାଓବାଦୀ ପକ୍ଷରୁ ଲେଖାଯାଇଥିବା ନେଇ କୁହାଯାଇଛି । ତେବେ ଏଥିରେ ସ୍ପଷ୍ଟ ଭାବେ ଲେଖାଯାଇଛି ଯେ ସବ୍ୟସାଚୀ ପଣ୍ଡା, ଆଜାଦ, ଉଦୟ ଓ ନିଖିଲ ଏମାନେ କେବେ ଆଦିବାସୀ ନଥିଲେ । ଆଦିବାସୀଙ୍କୁ ନକ୍ସଲରେ ରଖି ଅତ୍ୟାଚାର କରୁଥିଲେ । ଏହାକୁ ଜବାବ ଦେବାକୁ ରାଜ୍ୟ ସମ୍ପାଦକ ମେଘଜାନୀ ଓ ଡମ୍ବାଇ ମାଝୀ ଓ ମାଓ ସଂଗଠନ ପ୍ରସ୍ତୁତ ଅଛି ବୋଲି ଲେଖାଯିବା ସହିତ ଲାଲ ସଲାମ ଲେଖାଯାଇଛି। ଆଦିତ୍ୟ ବିର୍ଲା କମ୍ପାନୀ କେବିକେ ଅଞ୍ଚଳର ଲୋକଙ୍କୁ ଶୋଷଣ କରୁଥିଲେ ମଧ୍ୟ ସରକାର ନୀରବ ରହୁଛନ୍ତି। ତେଣୁ କମ୍ପାନୀକୁ ବିରୋଧ କରୁଥିବା ନେଇ ମଧ୍ୟ ଉଲ୍ଲେଖ କରାଯାଇଛି । ଏହା ସହିତ ରାୟଗଡା ବ୍ଲକ ବାଇସିଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୁମାଗୁଡ଼ା ବସଷ୍ଟପ ନିକଟରେ ମଧ୍ୟ ଏହି ମାଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି।ଉଲ୍ଲେଖ ଥାଉକି କିଛି ଦିନ ତଳେ ନିଖିଲଙ୍କ ସମେତ ତାଙ୍କ ପତ୍ନୀ ଇନ୍ଦୁ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ । ବିଶେଷ କରି ଏବେ ମାଓ ସଂଗଠନ ଅତି ଦୁର୍ବଳ ଅବସ୍ଥାକୁ ଆସିଯାଇଛି । ସୁରକ୍ଷା ବାହିନୀଙ୍କ ଲଗାତାର ଏନକାଉଣ୍ଟର ସାଙ୍ଗକୁ ଟପ ମାଓନେତା ମାନଙ୍କ ଆତ୍ମସମର୍ପଣ ଯୋଗୁଁ ଗୋଟିଏ ପରେ ଗୋଟିଏ ଜିଲ୍ଲା ମାଓବାଦୀ ମୁକ୍ତ ହେବାରେ ଲାଗିଛି । ଆଉ ମାର୍ଚ୍ଚ ସୁଦ୍ଧା ନକ୍ସଲମୁକ୍ତର ଘୋଷଣା କରିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦାବି ପ୍ରମାଣିତ ହେବ ବୋଲି ସମ୍ଭାବନା ଦେଖାଦେଇଛି ।

# ଦୁଆରଶୁଣି ଘାଟିରେ ପାହାଡ଼ରୁ ଖସିଲା ବୃହତ୍ ପଥର




ବାରିପଦା : ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦୁଆରଶୁଣି ଘାଟିରେ ଏକ ଅଭାବନୀୟ ଓ ଭୟାବହ ଦୁର୍ଘଟଣା ଘଟିଛି। ଘାଟିରେ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ପାହାଡ଼ ଉପରୁ ହଠାତ୍ ଏକ ବୃହତ୍ ପଥର ଖସିପଡ଼ିବାରୁ ତଳେ ଯାଉଥିବା ଦୁଇଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଘାଟି ସଂପ୍ରସାରଣ ପାଇଁ ଭାରି ଯନ୍ତ୍ରପାତି ସହାୟତାରେ ପାହାଡ଼ କଟିବା କାମ ଚାଲିଥିଲା। ସେ ସମୟରେ ଏକ ବଡ଼ ପଥର ନିୟନ୍ତ୍ରଣ ହାରାଇ ଗଡ଼ି ତଳକୁ ଆସିଥିଲା। ଦୁର୍ଭାଗ୍ୟବଶତଃ ସେହି ସମୟରେ ଘାଟି ମାଧ୍ୟମରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକ ପଥର ଚାପାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଉଭୟଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଚିକିତ୍ସକ ମାନେ ତାଙ୍କର ଅବସ୍ଥା ଉପରେ ନଜର ରଖିଛନ୍ତି। ଉଲ୍ଲେଖ୍ୟ ଯେ ଦୁଆରଶୁଣି ଘାଟି ଅଞ୍ଚଳ ପୂର୍ବରୁ ମଧ୍ୟ ଛୋଟବଡ଼ ଦୁର୍ଘଟଣା ପାଇଁ ଜଣାଶୁଣା। ପ୍ରାୟ ୧୩୫୦ କୋଟି ଟଙ୍କା ବ୍ୟୟରେ ଏଠାରେ ରାସ୍ତା ସଂପ୍ରସାରଣ କାମ ଚାଲିଛି। କିନ୍ତୁ କାମ ସମୟରେ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ନ ରହିବା ଓ ଯାତାୟାତ ନିୟନ୍ତ୍ରଣରେ ଅବ୍ୟବସ୍ଥା ଥିବାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ସମୟ ଘାଟିରେ ଯାନଜଟ ସୃଷ୍ଟି ହେଉଥିବା ମଧ୍ୟ ଦେଖାଯାଉଛି। ଘଟଣା ପରେ ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଓ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। କାର୍ଯ୍ୟସ୍ଥଳରେ ସୁରକ୍ଷା ନିୟମ ମାନାଯାଇଥିଲା କି ନାହିଁ ସେଥିପାଇଁ ଖୋଜଖବର ଚାଲିଛି। ଏହି ଦୁର୍ଘଟଣା ପରେ ଘାଟି ଅଞ୍ଚଳରେ କଠୋର ସୁରକ୍ଷା ବ୍ୟବସ୍ଥା, ସତର୍କତା ସୂଚନାପଟ ଓ ଯାତାୟାତ ନିୟନ୍ତ୍ରଣକୁ ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ନୈନୀ କୋଇଲା ଖଣିରୁ ଜେ.ଆଇ.ଟି.ପି.ଏଲକୁ କୋଇଲା ପରିବହନକୁ ତୀବ୍ର ବିରୋଧ

ଛେଣ୍ଡିପଦା : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନୈନି କୋଇଲା ଖଣିରୁ କୋଇଲା ପରିବହନ ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ସମନ୍ୱୟ ବୈଠକରେ ତୀବ୍ର ଉତ୍ତେଜନା । ବୈଠକରେ ନୈନୀ କୋଇଲା ଖଣିରୁ ଜେ.ଆଇ.ଟି.ପି.ଏଲକୁ କୋଇଲା ପରିବହନକୁ ତୀବ୍ର ବିରୋଧ । ପରିବହନ ହେଲେ ଲୋକଙ୍କ ଉପରେ ଟ୍ରକ ଚଢ଼ାଇ ପରିବହନ କରିବାକୁ ଦେଲେ କଡା ଚେତାବନୀ । ସୂଚନା ଯେ ଛେଣ୍ଡିପଦା ସ୍ଥିତ ନୈନି କୋଇଲା ଖଣିରୁ ଜେଆଇଟିପିଏଲକୁ କୋଇଲା ପରିବହନ ପାଇଁ ଅନୁଗୋଳ ଜିଲ୍ଲାପାଳ ଛେଣ୍ଡିପଦା, କଙ୍କୁରପାଳ, ଟାଙ୍ଗୁଡ଼ିଆ ଦେଇ ପରିବହନ କରାଯିବା ପାଇଁ ଏକ ନିର୍ଦ୍ଦେଶ ନାମା ଜାରୀ କରିଥିଲେ । ଏହି ଖବର ପ୍ରକାଶିତ ପରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେବା ସହିତ ପାଳିକରି ଦିନ ରାତି ଉଜାଗର ହୋଇ ଗାଁ ରାସ୍ତା ଦେଇ ଭାରୀଯାନ ଚଳାଚଳ କୁ ବିରୋଧ କରିଥିଲେ । ଏନେଇ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୪ଟି ଗ୍ରାମର ଗ୍ରାମ୍ୟ କମିଟି ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ସଭାଗୃହ ଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରୁ ଗାଁ ରାସ୍ତା ଦେଇ କୋଇଲା ଗାଡି ଚଳାଚଳକୁ ତୀବ୍ର ବିରୋଧ କରିଥିଲେ । ଯଦି ପ୍ରଶାସନ ଗାଡି ଚଳାଚଳ କରେ ତେବେ ଲୋକଙ୍କ ଉପରେ ଟ୍ରକ ଚଢ଼ାଇ ନେବା ପାଇଁ ଗ୍ରାମ୍ୟ କମିଟି ଠାରୁ ଆରମ୍ଭ କରି ଯୋଗ ଦେଇଥିବା ବିଭିନ୍ନ ଲୋକ ପ୍ରତିନିଧି ମତ ଦେଇଥିଲେ ।







# ଜିଲ୍ଲା କାର୍ଯ୍ୟାଳୟର ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ନେଇ ଅଭିଯୋଗ

## ▌ଜନଶୁଣାଣି ପୋର୍ଟାଲକୁ ଗୁରୁତ୍ୱ ଦେଉ ନାହାଁନ୍ତି ଜିଲ୍ଲା ପ୍ରଶାସନ

## ▌ଭୂଲ୍ ତଥ୍ୟ ଦେଇ ଅଧିକାରୀ ମାନେ ଜିଲ୍ଲାପାଳଙ୍କୁ ଭୁଆଁ ବୁଲାଉଛନ୍ତି

ଅନୁଗୋଳ : ସରକାର ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଅଭିଯୋଗ ଶୁଣାଣୀ କରୁଛନ୍ତି। ପ୍ରତ୍ୟେକ ବ୍ଲକର ପଞ୍ଚାୟତ ଓ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏହି ଜନ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଏହା ସହିତ ଅନଲାଇନରେ ମଧ୍ୟ ଜନ ସାଧାରଣ ଅଭିଯୋଗ ଯୋଗ କରିବା ପାଇଁ ଜନ ଶୁଣାଣି ପୋର୍ଟାଲର ବ୍ୟବସ୍ଥା ରହିଛି। କିନ୍ତୁ ଜନ ଶୁଣାଣି ପୋର୍ଟାଲରେ ହେଉଥିବା ଜନ ଶୁଣାଣିକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଉ ନାହାଁନ୍ତି। ପୁଣି ଦଶ ମାସ ପରେ ମିଛ ତଥ୍ୟ ଦେଉଛନ୍ତି। ଜିଲ୍ଲା ପ୍ରଶାସନକୁ ବିଭାଗୀୟ ଅଧିକାରୀ ମାନେ ମିଛ ରିପୋର୍ଟ ପ୍ରଦାନ କରୁଛନ୍ତି । ଯାହା ଫଳରେ ଜିଲ୍ଲା ପ୍ରଶାସନ ମଧ୍ୟ ମିଛ ରିପୋର୍ଟ ଦେଉଛି। ଲୋକମାନେ ବର୍ଷବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି ଏବଂ ମିଛ ରିପୋର୍ଟ ପାଉଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯଦି ମିଛ ରିପୋର୍ଟ ପାଉଛନ୍ତି ଲୋକମାନେ କାହାକୁ ଅଭିଯୋଗ କରିବେ ସେ ନେଇ ଚିନ୍ତାରେ ଅଛନ୍ତି। ଏମିତି ଅବହେଳା ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ହେଉଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ଟିକରପଡ଼ା ପଞ୍ଚାୟତର କରଡ଼ାପଡ଼ା ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଛି। ଗ୍ରାମରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ପ୍ରାୟ ପାଞ୍ଚ ଶହରୁ ଊର୍ଦ୍ଧ୍ୱ ହେବ। କିନ୍ତୁ ଗ୍ରୀଷ୍ମ ଋତୁରେ ଗ୍ରାମର ଲୋକମାନେ ଶୋଷରେ ଆଉଟୁ ପାଉଟୁ ହେଉଛନ୍ତି । ଗ୍ରାମରେ ପ୍ରାୟ ତିନୋଟି ନଳକୂପ ରହିଛି। କିନ୍ତୁ ଗୋଟିଏ ନଳକୂପରୁ ବି ପାଣି ବାହାରୁ ନାହିଁ ଖରାପ ହୋଇ ପଡ଼ି ରହିଛି। ଏନେଇ ଜନ ଶୁଣାଣି



ପୋର୍ଟାଲରେ ୪ ଏପ୍ରିଲ ୨୦୨୫ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରା ଯାଇଥିଲା କି ଟିକରପଡ଼ା ପଞ୍ଚାୟତ କରଡାପଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଜିଲ୍ଲାପାଳ ଏହାର ତଥ୍ୟ ଦେବା ପାଇଁ ଅନୁଗୋଳ ବ୍ଲକ୍ କାର୍ଯ୍ୟାଳୟକୁ ୯ ଏପ୍ରିଲ ୨୦୨୫ ଚିଠି ଲେଖିଥିଲେ। ଅନୁଗୋଳ ବ୍ଲକ କାର୍ଯ୍ୟାଳୟର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ -୨ ମନସ୍ୱିନୀ ଦେହୁରୀ ନଅ ମାସରେ ଜିଲାପାଳଙ୍କୁ ତଥ୍ୟ ଦେଇଛନ୍ତି। ଯାହା କି ଉକ୍ତ ତଥ୍ୟରେ ଭୁଲ୍ ତଥ୍ୟ ଦିଆଯାଇଛି। ବ୍ଲକର ଗ୍ରାମ୍ୟ ଜଳ କନିଷ୍ଠ ଯନ୍ତ୍ରୀ ଉକ୍ତ ଗ୍ରାମରେ ସଚଳ ଦଶଟି ନଳକୂଅ ଥିବା ଚିଠିରେ ଜିଲାପାଳଙ୍କୁ ଦର୍ଶାଇଛନ୍ତି। କିନ୍ତୁ ଉକ୍ତ ଗ୍ରାମରେ ଥିବା ତିନୋଟି ନଳକୂଅ ଭାଙ୍ଗିରୁଜି ପଡ଼ିଛି।ଯାହା ଫଳରେ ଜିଲ୍ଲା ପ୍ରଶାସନ ମଧ୍ୟ ଅଭିଯୋଗ କାରୀଙ୍କୁ ଦଶ ମାସ ପରେ ଭୁଲ୍ ତଥ୍ୟ ଦେଉଛନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ ଅନୁଗୋଳ ବ୍ଲକର ଅଧିକାରୀ ମାନେ ମିଛ ତଥ୍ୟ ଦେଇ ଜିଲାପାଳଙ୍କୁ ଭୁଆଁ ବୁଲାଉଛନ୍ତି। ଏପରି ସବୁ କାମରେ ମିଛ ତଥ୍ୟ ଦେଇ ଦୁର୍ନୀତି କରୁଥିବା ସ୍ପଷ୍ଟ ଭାବରେ ପ୍ରମାଣିତ ହେଉଛି। କିନ୍ତୁ ସାଧାରଣ ଲୋକ କୌଣସି ସୁଫଳ ପାଉ ନାହିଁ । ଯଦି ଜିଲ୍ଲାପାଳ ଏନେଇ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତାହେଲେ ବ୍ଲକ୍‌ର ଅଧିକାରୀ ମାନେ ଦୁର୍ନୀତି କରି ଚାଲିବେ ଏଥିରେ ସନ୍ଦେହ ନାହିଁ ।

# ସରକାରୀ ଉଦାସୀନତାରୁ ଗତି ହରାଇଛି ବିକାଶ

ମୟୁରଭଞ୍ଜ : ମୟୁରଭଞ୍ଜ ଜିଲ୍ଲାର କିଛି ଅଞ୍ଚଳରେ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅବହେଳା ଯୋଗୁ ବିକାଶ କାର୍ଯ୍ୟରେ ଗତି ହ୍ରାସ ପାଇଥିବା ଗୁରୁତର ଅଭିଯୋଗ ଉଠିଛି। ଦୀର୍ଘଦିନ ଧରି ଅନେକ ପ୍ରକଳ୍ପ ଅଧୁରା ଅବସ୍ଥାରେ ପଡି ରହିଥିବା ବେଳେ, ସାଧାରଣ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଚିତ୍ର ସାମ୍ନାକୁ ଆସିଛି। ବିଶେଷକରି ଅଞ୍ଚଳର କିଛି ଶିକ୍ଷାନୁଷ୍ଠାନର ଅବସ୍ଥା ଦୟନୀୟ ହୋଇପଡିଛି। ବିଦ୍ୟାଳୟର ମୁଖ୍ୟ ଗେଟ୍ ଠାରୁ ଆରମ୍ଭ କରି ଶ୍ରେଣୀକକ୍ଷ ପର୍ଯ୍ୟନ୍ତ ସବୁଠି ଅବହେଳାର ଚିହ୍ନ ସ୍ପଷ୍ଟ ଦେଖାଯାଉଛି। ଭଙ୍ଗା ଦ୍ୱୋଲ, ଜର୍ଜରିତ ଛାଦ, ଅପରିଷ୍କାର ପରିସର ଓ ଆବଶ୍ୟକ ଆଧାରଭୂତ ସୁବିଧାର ଅଭାବ ନିମନ୍ତେ ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ପରିବେଶରେ ପାଠପଢା କରିବାକୁ ବାଧ ହେଉଛନ୍ତି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ବର୍ଷକାଳ ଧରି ଏହି ସମସ୍ୟା ରହିଆସିଛି। ବିଦ୍ୟାଳୟର ଭବନ ପୁନର୍ନିର୍ମାଣ ଓ ଆବଶ୍ୟକ ସୁବିଧା ଯୋଗାଣ ପାଇଁ ଅନେକଥର ଜିଲ୍ଲା ପ୍ରଶାସନ ଓ ସମ୍ପର୍କିତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ବର୍ଷା ଋତୁରେ ଶ୍ରେଣୀ କକ୍ଷରେ ପାଣି ପଡୁଥିବାରୁ ଛାତ୍ରଛାତ୍ରୀମାନେ ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି। କେତେକ ସ୍ଥାନରେ ବିଦ୍ୟୁତ ବ୍ୟବସ୍ଥା ମଧ୍ୟ ସଠିକ୍ ନଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି। ଏହା ସହିତ ପରିସରରେ ସୁରକ୍ଷା ବ୍ୟବସ୍ଥା ଅଭାବ ଥିବାରୁ ଅଭିଭାବକମାନଙ୍କ ମନରେ ଭୟ ଓ ଅଶାନ୍ତି ଦେଖାଦେଇଛି। ଅଞ୍ଚଳର ଅନ୍ୟାନ୍ୟ ମୌଳିକ ସୁବିଧା ଯଥା ସଡକ ମରାମତି, ପାନୀୟ ଜଳ ଯୋଗାଣ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ସୁଧାର ମଧ୍ୟ ଅପେକ୍ଷାରେ ରହିଥିବା କଥା ସ୍ଥାନୀୟ ଲୋକ କହିଛନ୍ତି। କିଛି ପ୍ରକଳ୍ପ ପାଇଁ ଅର୍ଥ ବିନିଯୋଗ ହୋଇଥିବା ସତ୍ତ୍ୱେ କାମର ଗତି ଅତ୍ୟନ୍ତ ଧୀର ଥିବାରୁ ଅସନ୍ତୋଷ ବଢୁଛି। ସ୍ଥାନୀୟ




ଯୁବକ ଓ ସାମାଜିକ ସଂଗଠନମାନେ ଏହା ନେଇ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସେମାନଙ୍କ ଦାବି ହେଉଛି, ଶୀଘ୍ର ଭାବେ ସ୍ଥଳ ପରିଦର୍ଶନ କରି ଯଥାଯଥ ତଦନ୍ତ କରାଯାଉ ଓ ବିକାଶ କାର୍ଯ୍ୟରେ ଗତି ଆଣାଯାଉ। ଏହା ସମ୍ପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ ପ୍ରତିକ୍ରିୟା ମିଳିନଥିବା ବେଳେ, ସାଧାରଣ ଲୋକମାନେ ଶୀଘ୍ର ସମାଧାନ ଆଶା କରୁଛନ୍ତି। ଶିକ୍ଷା ଓ ମୌଳିକ ସୁବିଧାର ସୁଧାର ନେଇ ପ୍ରଶାସନ କେବେ ସଚେତନ ହେବ ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି ।

# ବିଦ୍ୟାଳୟରୁ ଜିଲ୍ଲା କାର୍ଯ୍ୟାଳୟ ଯାଏଁ ଲମ୍ବିଛି ଦୁର୍ନୀତିର ଚେର, ତଦନ୍ତ ଦାବି

ଗଞ୍ଜାମ : ଚର୍ଚ୍ଚାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ। ଜିଲ୍ଲାର ଅଧିକାରୀହେଲେମଧ୍ୟବିଶେଷକରିକବିସୂର୍ଯ୍ୟନଗରବ୍ଲକକୁ ଆକ୍ରୋଶ ମୂଳକ ଦୃଷ୍ଟି ଦେଉଥିବା ଏ୍ୱେ ଅଭିଯୋଗ ହେଉଛି। ଏପରିକି(ଡି.ଇ.ଓ)ଙ୍କ ନିୟନ୍ତ୍ରଣରେ ଥିବା ହାଇସ୍କୁଲ୍ ପ୍ରଧାନ ଶିକ୍ଷକଙ୍କ ଦୁର୍ନୀତିକୁ ଚପାଇ ଦେଇ ପ୍ରାଥମିକ ବିଦ୍ୟାଳୟ ଗଣ ଶିକ୍ଷକଙ୍କ ପ୍ରତି ଆକ୍ରୋଶ ରଖି ଜୈନିକ ଶିକ୍ଷକଙ୍କୁ ବାରମ୍ବାର ବଦଳି କରିବା ଭଳି ଘଟଣା କୁ ନେଇ ଅଶାନ୍ତୋଷ ବଢୁଛି । ଗଞ୍ଜାମ ଜିଲ୍ଲା ବିସୂର୍ଯ୍ୟନଗର ବ୍ଲକ ବରିଡା ସ୍ଥିତ ହାଇସ୍କୁଲରେ ବହୁ ଅନିୟମିତତା ଲାଗିରହିଥିଲେ ମଧ୍ୟ ସବୁ ଜାଣି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନୀରବତା ଶିକ୍ଷା ବିଭାଗରେ ଚର୍ଚ୍ଚା ଆଲୋଚନା ଚାଲିଛି । ନିକଟରେ ସେହି ବିଦ୍ୟାଳୟର ଜଣେ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ(ଡି. ଇ. ଓ)ଙ୍କ ଚାପରେ ଜାନୁଆରୀ ମାସରେ ଶିକ୍ଷା ବର୍ଷ ମଧ୍ୟରେ ବେଆଇନ ଭାବେ ଅନ୍ୟତ୍ର ବଦଳି କରିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା । ଉତେଜନା ଦିନକୁ ଦିନ ଜଟିଳ ହେବା ପରେ ଫେବୃୟାରୀ ୪ ତାରିଖରେ କବିସୂର୍ଯ୍ୟନଗର (ବି. ଇ. ଓ) , ଶିକ୍ଷକ ଶ୍ରୀ ବେହେରା, ପ୍ରଧାନ ଶିକ୍ଷକ ଏବଂ ଗଞ୍ଜାମ ଡିଇଓଙ୍କ ମଧ୍ୟରେ ଏକ ଆଲୋଚନା ପରେ ନିଷ୍ପତି ହେଲା ପ୍ରଧାନ ଶିକ୍ଷକ ଏବଂ ଗଣ ଶିକ୍ଷକ




ଉଭୟଙ୍କୁ ଅନ୍ୟତ୍ର ଡେପୁଟେସନ କରିଯିବ । ହେଲେ ବିଇଓଙ୍କ ନିୟନ୍ତ୍ରଣରେ ଗଣ ଶିକ୍ଷକଙ୍କୁ ୫ ଫେବୃୟାରୀରେ ଚିଠି ନଂ ୨୬୮ ପ୍ରକାରେ କବିସୂର୍ଯ୍ୟନଗର (ବି. ଇ. ଓ), ଚନ୍ଦ୍ର ଶେଖର ହାଇସ୍କୁଲକୁ ବଦଳି କଲେ।ବଦଳି କରାଯିବା ପରେ ଡିଇଓ ଙ୍କ ନିୟନ୍ତ୍ରଣରେ ଥିବା ପ୍ରଧାନ ଶିକ୍ଷକଙ୍କୁ ଆଉ (ଡି. ଇ. ଓ) ବଦଳି କଲେ ନାହିଁ । କାହା ଚାପରେ (ଡି. ଇ. ଓ) ଏଭଳି ଆକ୍ରୋଶ ମୂଳକ ପଦକ୍ଷେପ ନେବାକୁ ଅଣ୍ଟା ଭିଡ଼ିଛନ୍ତି । ତାହାକୁ ନେଇ ରାଜନୀତି ଆରମ୍ଭ ହେଲାଣି । ଯାହା ସୂଚନା ରହିଛି ଗଞ୍ଜାମ (ଡି. ଇ. ଓ)ଙ୍କ ଅଧୀନରେ ଥିବା

## •ଚର୍ଚ୍ଚାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ

## •ଲୁଚିଗଲା ମଧ୍ୟାହ୍ନ ଭୋଜନ ଚାଉଳ ହେର ଫେର ଘଟଣା

ଦଧିବାମନ ହାଇସ୍କୁଲରେ ବହୁ ଅନିୟମିତତା ଲାଗିରହିଥିଲେ ମଧ କୌଣସି କାର୍ଯ୍ୟନୁଷ୍ଠାନ ନନେଇ ଜଣେ ଗଣଶିକ୍ଷକ ପ୍ରତି ଏଭଳି ଆକ୍ରୋଶ ହେବା କଣ କାରଣ ବୋଲି ପ୍ରଶ୍ନ ଉଠୁଥିବା ବେଳେ ଗଣଶିକ୍ଷକଙ୍କ ବଦଳିକୁ ନେଇ ବିଦ୍ୟାଳୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା,ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣାକୁ ଚପାଇଦେବା ଗତ ୧୬ଜାନୁଆରୀରେ ବିଦ୍ୟାଳୟ ସଭାପତି ଇସ୍ତଫା ଦେବା ପରେ ପୁଣି ବେଆଇନ ଭାବେ ସଭାପତିଙ୍କୁ ରଖିବା, ଲକ୍ଷଲକ୍ଷ ଟଙ୍କାର ସରକାରୀ ଅନୁଦାନ ବ୍ୟୟ ବହୁଳ ଖର୍ଚ୍ଚର ତଦନ୍ତ ନକରିବା ଭଳି ବହୁ ଅଭିଯୋଗ କୁ ଗଞ୍ଜାମ ଡିଇଓଙ୍କ ନୀରବତା ଏ୍ୱେ ପ୍ରଶ୍ନ ଉଠୁଥିବା ବେଳେ ବିଦ୍ୟାଳୟକୁ ଜିଲ୍ଲା କାର୍ଯ୍ୟାଳୟ ଯାଏଁ ଲମ୍ବିଛି ଦୁର୍ନୀତିର ଚେର ବୋଲି ଆଲୋଚନା ହେଉଛି। ଜିଲ୍ଲା ଶିକ୍ଷାଧିକାରୀ ଦାୟିତ୍ୱ ନେବା ପରେ କେଉଁକେଉଁ ଦିନ ଦଧିବାମନ ହାଇସ୍କୁଲ କୁ ପରିଦର୍ଶନରେ ଆସିଛନ୍ତି କଣ ତଦନ୍ତ କରିଛନ୍ତି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ୧୪ବର୍ଷରୁ ଉର୍ଦ୍ଧ ସମୟ ଧରି ସେହି ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷକ ଓ ଜଣେ ସରକାରୀ କର୍ମଚାରୀ ବିଦ୍ୟାଳୟର ସଭାପତି ରହିବା ଭଳି ବେନିୟମ କାମ ପ୍ରତି କଣ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ତାହାର ତଦନ୍ତ ପାଇଁ ଶିକ୍ଷା ନିର୍ଦ୍ଦେଶଳୟ, ଗଣଶିକ୍ଷା କମିଶନରଙ୍କୁ ଅଭିଯୋଗ କରାଯଇଥିବା ଶୁଣାଯାଉଛି । ଏପଟେ ସରକାରୀ ଅଧିକାରୀ ହୋଇ ବିନା ଚିଠିରେ ତଳିଆ ଅଧିକାରୀଙ୍କୁ ମୌଖିକ ଆଦେଶ ଏବଂ ଅଲିଖିତ ନିର୍ଦ୍ଦେଶ ଦେଇ ଶିକ୍ଷା ବିଭାଗକୁ ବିଶୃଙ୍ଖଳା କରିବା ଘଟଣାକୁ ନେଇ ସମଗ୍ର ଅଂଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗଣଶିକ୍ଷାମନ୍ତ୍ରୀ କମିଶନର କଣ ନେଉଛନ୍ତି ପଦକ୍ଷେପ ତାହା ଦେଖିବାକୁ ରହିଲା ।


# ତାଳଚେରରେ ଥମୁନି ବାୟୁ ପ୍ରଦ୍ୟୁଷଣ, ଜନ ଜୀବନ ଅସ୍ତବ୍ୟସ୍ତ

- କୋମାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
- ଜିଲ୍ଲାପାଳ ନିର୍ଦ୍ଦେଶକୁ ଖାତିର କରୁନାହାନ୍ତି ଏମସିଏଲ୍ କର୍ତ୍ତୃପକ୍ଷ
- କଳବଳ କଲାଣି କଳ କାରଖାନାର ପ୍ରଦୂଷଣ, ଆଖି ବୁଜିଦେଇଛି ଜିଲ୍ଲା ପ୍ରଶାସନ

ତାଳଚେର: ଭାରତର ପ୍ରଦ୍ୟୁଷଣରେ ଦିଲ୍ଲୀ ପରେ ଓଡ଼ିଶାର ତାଳଚେର ୧ନଂ ଭୂମିକାରେ ଚିହ୍ନଟ ହୋଇଥିବା ବେଳେ ଏହାର ପ୍ରତିକାର ପାଇଁ କାହାର ହେଲେ ସାମାନ୍ୟ ଦରଦି ନଥିବା ଭଳି ମନେ ହେଉନାହିଁ । ତାଳଚେର ଏୟାର କ୍ୱାଲିଟି ଏକ୍ୟୁଆଇ (ବାୟୁ ପ୍ରଦ୍ୟୁଷଣ) ୩୫୫ ଛୁଇଁଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଏନଏସଏସ୍ ଆକ୍ଟ ଲାଗୁ କରାଯାଇଥିଲା । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ରାସ୍ତାର ଗୁଡ଼ିକରେ ଦିନକୁ ତିନିଥର ପାଣି ସିଂଚନ ସହିତ ରାସ୍ତାରୁ ଧୂଳି ହଠାଇବାକୁ ଏମସିଏଲକୁ କୁହାଯାଇଥିଲା । ପ୍ରାୟ ଏକ ସପ୍ତାହ ରାସ୍ତା ଗୁଡ଼ିକରେ ପାଣି ସିଂଚନ ହେବା ଫଳରେ ଏହାର ଏକ୍ୟୁଆଇ ଖସି ୨୫୫-୫୬ରେ ସିମୀତ ଥିଲା । ମାତ୍ର ଏବେ ୩-୪ ଦିନ ହେବ ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତା ଗୁଡ଼ିକରେ ସଠିକ୍‌ଭାବେ ପାଣିସିଂଚନ ହେଉନଥିବାରୁ ଧୂଳିଧୂଆଁରେ ଏଠିକାର ଅଂଚଳବାସୀ ଅଣନିଶ୍ୱାସୀ ହୋଇ ତ୍ରାହିତ୍ରାହି ଡ଼ାକ ଦେଉଥିବା ଅଭିଯୋଗ ହେଉଛି । ନିକଟରେ ଜିଲ୍ଲାପାଳ ଏମସିଏଲକୁ

କୋଇଲା ପାଉଁଶ ମିଶ୍ରିତ ଗୁଣ୍ଡ ରାସ୍ତାରୁ ସଫା କରିବାକୁ ଏମସିଏଲକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର କ'ଣ ହେଲା କେଜାଣି କୁଆଡ଼େ ଗୋଟିଏ ଦିନରେ ପୌରପରିଷଦ ପକ୍ଷରୁ ୧୨ଜଣ ସଫେଇ କର୍ମଚାରୀଙ୍କୁ ଲଗାଇ ତାଳଚେର ବାଇପାସ୍ ଟ୍ରାଫିକ ଠାରୁ ୨ଶହରୁ ୩ଶହ ମିଟର ରାସ୍ତା ସଫା କରିଥିବା ଜଣାପଡ଼ିଛି । ଏଠାରୁ ରାଜ୍ୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ୍ୟ ତାଳଚେର ବାସୀଙ୍କୁ କାହିଁକି ମୃତ୍ୟୁ ମୁଖକୁ ଠେଲୁଛନ୍ତି ତାକୁ ନେଇ ଅଂଚଳବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବର୍ତମାନ ୧୪୯ନମ୍ବର ଜାତୀୟ ରାଜପଥ ଗୋଡ଼ିବନ୍ଧ ଠାରୁ ବହ୍ଲର ପର୍ଯ୍ୟନ୍ତ ପ୍ରଚୁର ଧୂଳିଧୂଅଁଶ ଯୋଗୁଁ ବାଟୋଇ ଦାଣ୍ଡୋଇ ମାନେ ଯାତାୟତ କରିବାକୁ ନିରାପଦ ମଣୁନାହାନ୍ତି । ପୁନଶ୍ଚ ଯେଉଁ ସମୟରେ ଏକ୍ୟୁଆଇ ୩୫୫ ରହିଥିଲା ସେହି ସମୟରେ କେନ୍ଦ୍ର ଓ ରାଜ୍ୟ ଉଭୟ ସରକାର ଏମସଏଲ ଓ ପୌରପରିଦେ ସମେତ ଜିଲ୍ଲାପାଳ ସ୍ଥାନୀୟ ଉପଜିଲ୍ଲପାଳଙ୍କୁ ତୁରନ୍ତ ଏହାର ପ୍ରତିକାର ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶ ନାମାକୁ ନଜରରେ ରଖି ପ୍ରାୟ ୩ରୁ ୫ଦିନ ତାଳବେଡ଼ା ଠାରୁ ବହ୍ଲରଛକ ଓ ପୌରପରିଷଦ ବଡ଼ଦାଣ୍ଡ ସାହି ଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ସଫେଇ ସହ ଜଳସିଂଚନ ଦିନକୁ ୩ଥର ହେଉଥିଲା । ମାତ୍ର ଏବେ କାହା ସ୍ୱାର୍ଥରେ ନା ସିଂଚନ ହେଉଛି ପାଣି ନା ସଫେଇ ହେଉଛି ଧୂଳି ।

## ଲଘୁ ଖଣିଜଦ୍ରବ୍ୟ ଚୋରା ଚାଲାଣର ଗନ୍ତାଘର ପାଲଟିଛି ମୋରଡା ଥାନା ଅଞ୍ଚଳ



### ନିଘୋଡ଼ ନିଦ୍ରାରେ, ମାଇଂନିଙ୍ଗ, ରାଜସ୍ୱ ଓ ପୋଲିସ ବିଭାଗ

ମୋରଡା : ଲଘୁଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ସହ ଚୋରା ଚାଲାଣରେ ସଂପୃକ୍ତ ଥିବା କିଛି ନିର୍ଦ୍ଦିଷ୍ଟ ମାଫିଆମାନେ ନିଜସ୍ୱ ପ୍ରଚେଷ୍ଟାରେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଗି ବାଲି ଚୋରି କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି । ଚୋରା ଚାଲାଣ ରୋକିବାରେ ବିଫଳ ହୋଇଛି ପୋଲିସ , ରାଜସ୍ୱ ବିଭାଗ ଏବଂ ମାଇନିଙ୍ଗ ବିଭାଗ । ନିୟନ୍ତ୍ରଣ ବାହାରକୁ ଯାଇ ବେଧଡକ ଭାବେ ବିଳମ୍ବିତ ରାତିରେ ଚାଲିଛି ଲଘୁଖଣିଜ ଦ୍ରବ୍ୟର ଚୋରି । ପ୍ରଶାସନର ନିୟନ୍ତ୍ରଣରେ ନାହିଁ କିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ଅନ୍ଧ ଦେଶେ ଗଲି ଦର୍ପଣ ବିକି' ନ୍ୟାୟରେ ବେଆଇନ ଭାବେ ଉତ୍ତୋଳନ ହୋଇ ଚାଲିଛି ଖୁଲମଖୁଲା ବାଲି ଚାଲାଣ . ଯାହାକୁ ନେଇ କିଛି ଦିନ ପୂର୍ବେ ଗଣମାଧ୍ୟମ ରେ ଖବର ପ୍ରକାଶ ପାଇଥିଲା । ତେବେ ଥାନା କର୍ତ୍ତୃପକ୍ଷ ଏବଂ ରାଜସ୍ୱ ବିଭାଗ ନିରବତା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନକୁ ଦିନ ବେଆଇନ ଉତ୍ତୋଳନ ସହ ଚୋରା ବାଲି ଚାଲାଣ ବଢ଼ିବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ତେବେ ଉକ୍ତ ଥାନା ଅଧୀନ ପାଟପୁର, ପଟାକୁଣ୍ଡିଆ, ଗୁହାଳଡିହା, ରେକଣା, ଧଡାସାହି ବେଆଇନ ନଦୀ ଘାଟରୁ ବାଲି ଚୋର ମାନେ ରାତି ତମାମ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ତେବେ ମୋରଡା ଥାନା ଠାରୁ ଦୁଇ କିମି ଦୂରରେ ବେଆଇନ ଭାବେ ବେଆଇନ ଘାଟରୁ କିଛି ବାଲି ଟ୍ରାକ୍ଟର ମାଲିକ ମାନେ ପୋଲିସ ର ଗତିବିଧି ଉପରେ ନଜର ରଖି ବେଧଡକ ଭାବେ ବାଲି ଚୋରି କରୁଥିବା ସାଧାରଣରେ ଅଭିଯୋଗ ହେଉଛି । ଅପରପକ୍ଷରେ କିଛି ବାଲି ଚୋର ଓ କିଛି ଶିଳ୍ପପତି ବ୍ୟକ୍ତି ମାନେ ପୋଲିସର ଗତିବିଧି ଉପରେ ନଜର ରଖିବା ପାଇଁ କିଏ ଥାନା ସାମ୍ନାରେ ତୋ କିଏ ବିଲଡିଙ୍ଗ ଉପରେ ରହି ପୋଲିସର ଗତିବିଧି ଉପରେ ନଜର ରଖି ବେଧଡକ ଭାବେ ବାଲି ଚୋରି କରୁଥିବା ଛକ ବଜାରରେ ହେଉଥିବା ଆଲୋଚନା ରୁ ଶୁଣିବାକୁ ମିଳେ । ସେହିପରି ଥାନା ଅଧିକାରୀ କେଉଁ ଦିନ ରହୁ ନାହାନ୍ତି ତା'ର ଖବର ନେଇ ମଧ୍ୟ ବାଲି ଚୋରି ହେଉଥିବା ମଧ୍ୟ ଶୁଣିବାକୁ ମିଳୁଛି । ସବୁଠାରୁ ବଡ କଥା ହେଲା ବେଆଇନ ନଦୀରୁ ମୁଖ୍ୟ ରାସ୍ତାକୁ ଟ୍ରାକ୍ଟର ଯିବା ପାଇଁ ହୋଇଛି ସ୍ୱତନ୍ତ୍ର ରାସ୍ତା । ଯାହା ସମସ୍ତଙ୍କ ନଜର ଆସୁଥିବା ବେଳେ ପ୍ରଶାସନର ନଜରକୁ କିପରି ଆସୁନାହିଁ ବୋଲି ମତପ୍ରକାଶ ପାଇଛି । ଅପରପକ୍ଷରେ ମାଇନିଂ ବିଭାଗ କଥା ନକହିବା ଭଲ ଯେ କେହି ବ୍ୟକ୍ତି ଫୋନ କଲେ ଫୋନ ଉଠାନ୍ତି ନାହିଁ କି କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ତେବେ ଲୋକଙ୍କ ଗୋଟିଏ ମାତ୍ର ଭରସା ପୋଲିସ ଓ ରାଜସ୍ୱ ବିଭାଗ ।


ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

Regn.No.95 PU Dt.22.03.1912, RBI Licence No.RPCD/BBSR/15/2011-12 Dt.02.05.2012
Ph.:06755-220209/220203, E-mail ID-khordhaccbank@gmail.com.ceo@khordhaccbank.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ — ରାଜ୍ୟର ୧୧୪ ବର୍ଷର ଅଗ୍ରଣୀ ବ୍ୟାଙ୍କ

ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ

୧. CBS ମାଧ୍ୟମରେ ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୯୨ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ ।
୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ ଓ୧,୦୦,୦୦୧ ଟଙ୍କାରୁ ୩ ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡେ । ଏତଦ୍‌ବ୍ୟତୀତ "ବଳରାମ ଯୋଜନା" ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା ।
୩. ବୁଣାକାରମାନଙ୍କୁ "ବଳିଆ ଯୋଜନା" ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନିତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ ।
୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର,ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା ।
୬. କୃଷି ଆନୁସଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି,ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡ଼ା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି ।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ,ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ ଓ ସମ୍ପତି ବନ୍ଧକ ଋଣ ଅତି କମ ସୁଧରେ ଉପଲବ୍ଧ ।
୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ ସୁଧରେ ଋଣ ଉପଲବ୍ଧ ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୩୦ ହାରରେ ପ୍ରଦାନ କରାଯାଏ ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ ।
12. IMPS, NEFT, RTGS, AEPS, PoS, CTS, Clearing ସମେତ ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM ମାଧ୍ୟମରେ କୃଷକମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି ।
13. Safe Deposit Locker : ବାଲୁଗାଁ ଶାଖା, ସହର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖା ଠାରେ ଉପଲବ୍ଧ ଅଛି ।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ (MSP) ରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଂଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ ।
୧୫. ମିଆଦୀ ଜମା (Fixed Deposit) ଓ ସଂଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ (DICGC) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ ।

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଶ୍ରୀ ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ
ସଭାପତି
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.



Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

Chief Editor: Sirdhartha Roy
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

Editor - Monalisa Das
ସମ୍ପାଦିକା: ମୋନାଲିସା ଦାସ